ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁଲାଇ , ୨୦୨୩



### ଅଳିଆବୁହା ଗାଡ଼ିର ଶୁଭାରମ୍ଭ

ଗୁଡ଼ାରି, (ପ୍ରମୋଦ କୁମାର ପତି) - ଗୁଡ଼ାରି ସହରକୁ ଅଳିଆ ଆବର୍ଜନା ମୁକ୍ତ କରିବା ପାଇଁ ମଙ୍ଗଳବାର ଅଳିଆବୁହା ଗାଡିର ଶୁଭାରମ୍ଭ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ଏହି ଗାଡି ସହରର ବିଭିନ୍ନ ସ୍ଥାନକୁ ବୁଲି ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି। ଗାଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ସରମିତା ଶବର, ପରିଷଦର ସମସ୍ତ ୱାର୍ଡ ସଭ୍ୟା ସଭ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚେତାଶୂନ୍ୟ ମାନସିକ ରୋଗୀଙ୍କୁ ଉଦ୍ଧାର କଲା ଡ୍ରାଇଭର ସଂଘ



ଟିକିରି,୧୧।୭ ( ପ୍ରଫୁଲ୍ଲ କୁମାର ବେହେରା) - ରାୟଗଡା ଜିଲା କାଶୀପୁର ସଦର ପଣସଗୁଡା ଗ୍ରାମ ନିକଟସ୍ଥ ପାହାଡ଼ ଉପରେ ଜଣେ ଅଜଣା ମାନସିକବିକାରଗ୍ରସ୍ତ ରୋଗୀ ଅଚେତ ଅବସ୍ଥାରେ ପଡ଼ିଥିବାବେଳେ କାଶୀପୁର ଡ୍ରାଇଭର ମହାସଂଘ ଓ ପୋଲିସ ଉଦ୍ଧାର କରିଛି। ପାହାଡ଼ ଶିଖରରୁ ଡ୍ରାଇଭରମାନେ ବ୍ୟକ୍ତିଙ୍କୁ କାନ୍ଧରେ ବୋହି କାଶୀପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ପଣସଗୁଡା ଗ୍ରାମର ଜଣେ ବ୍ୟକ୍ତି କାଠ ସଂଗ୍ରହ ପାଇଁ ଗ୍ରାମ ନିକଟସ୍ଥ ପାହାଡ଼କୁ ଯାଇଥିବା ବେଳେ ଜଣେ ଅଜଣା ବ୍ୟକ୍ତି ସେଠାରେ ପଡି ଥିବା ଦେଖି ତାଙ୍କୁ ମୃତ ବୋଲି ଭାବିଥିଲେ । ଗ୍ରାମକୁ ଫେରି ଏହି ଘଟଣା ସମସ୍ତଙ୍କୁ କହିଥିଲେ। କାଶୀପୁର ପୋଲିସ ଓ ଡ୍ରାଇଭର ସଂଘ ଖବରପାଇ ପାହାଡ଼ ଉପରକୁ ଯାଇଥିବାବେଳେ ବ୍ୟକ୍ତି ଜଣକ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଚିକିତ୍ସା କରାଯାଉଛି। ତେବେ ସେ ମାନସିକ ବିକାରଗ୍ରସ୍ତ ହୋଇଥିବାବେଳେ ତାଙ୍କର ପରିଚୟ ମିଳିପାରି ନାହିଁ।

### କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୧୧।୭ (ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର କଲେଜରେ ମଙ୍ଗଳବାର ପୂର୍ବତନ ଅଧ୍ୟକ୍ଷ ଜି.ମହେଶ୍ୱର ରାଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଦ୍ଭିଦ ବିଜ୍ଞାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାପକ ଶଶୀ ଭୂଷଣ ମହାନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ଅଧ୍ୟକ୍ଷ ଜି.ମହେଶ୍ୱର ରାଓ, ପଦାର୍ଥ ବିଜ୍ଞାନର ମୁଖ୍ୟ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଡ.ଆର.କେ. ସାହୁ, ପ୍ରାଣୀ ବିଜ୍ଞାନର ମୁଖ୍ୟ ବନ୍ଦିତା ଧାରୁଆ, ଉଦ୍ଭିଦ ବିଜ୍ଞାନର ଅଧାପିକା ନମିତା ମୁଦୁଲି ଏବଂ ବକ୍ତା ଭାବେ ଇତିହାସ



ବିଭାଗର ମୁଖ୍ୟ ଡ. ଜବାହରଲାଲ ଚୌଧୁରୀ ମଞ୍ଚାସିନ ଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ତଥା କଲେଜର ଅଧକ୍ଷ ଜି.ମହେଶ୍ୱର ରାଓ ଗତ ଜୁନ ୩୦ତାରିଖରେ ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଅଧକ୍ଷ ରାଓଙ୍କ ସୁସ୍ଥଏବଂ ଦୀର୍ଘଜୀବନ କାମନା କରିଥିଲେ। ଏଥିସହ ବିଭାଗରେ ଯେଉଁମାନେ ଭଲ ନମ୍ବର ରଖି କୃତିତ୍ୱ ହାସଲ କରିଥିଲେ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅଧାପିକା ଜ୍ୟୋସ୍ନାରାଣୀ ମିଶ୍ର ସ୍ୱାଗତ ଭାଷଣସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରୀ ଗୀତାଞ୍ଜଳି ରଇତ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀ ମନ୍ମିତା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଥାନା ସମ୍ମୁଖରେ ନିୟମଗିରି ସୁରକ୍ଷା ସମିତିର ବିକ୍ଷୋଭ

**ଡଙ୍ଗରିଆ ଆଦିବାସୀଙ୍କ ଉପରେ ପୋଲିସ ଜୁଲୁମର ପ୍ରତିବାଦ**

ମୁନିଗୁଡ଼ା,୧୧।୭ ( ରାଧେଶ୍ୟାମ ଅଗ୍ରୱାଲ)



ମୁନିଗୁଡ଼ା ଥାନା ସମ୍ମୁଖରେ ନିୟମଗିରୀ ସୁରକ୍ଷା ସମିତିର ବିକ୍ଷୋଭ ପ୍ରଦର୍ଶନ।

ରାୟଗଡା ଜିଲା ନିୟମଗିରୀ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ ଆଦିବାସୀଙ୍କ ଉପରେ ପୋଲିସ ଅଧିକାଂଶ ସମୟରେ ଜୁଲୁମ କରୁଥିବା ଅଭିଯୋଗ ହୋଇଛି। ନିରିହ ଲୋକଙ୍କୁ ମିଥ୍ୟା ମାଓବାଦୀ କେଶରେ ଉଠାଇ ନେଉଥିବା ପ୍ରତିବାଦରେ ମଙ୍ଗଳବାର ନିୟମଗିରୀ ସୁରକ୍ଷା ସମିତି ତରଫରୁ ଶତାଧିକ ମହିଳା ଓ ପୁରୁଷ ମୁନିଗୁଡ଼ା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମହିଳା ଓ ପୁରୁଷମାନେ ମୁନିଖୋଲଠାରୁ ଏକ ଶୋଭାଯାତ୍ରାରେ ଆସି ମୁନିଗୁଡ଼ା ଥାନା ସମ୍ମୁଖରେ ପହଞ୍ଚି ବିରୋଧ ପଦର୍ଶନ କରିଥିଲେ।

ନିୟମଗିରୀ ସୁରକ୍ଷା ସମିତି ଅଭିଯୋଗ ଅନୁଯାୟୀ,ଗତ ୩ ଦିନ ତଳେ ମାଓବାଦୀ ସନ୍ଦେହରେ ଡେଙ୍ଗୁଣି ଗ୍ରାମର ବଳି କରକରିଆଙ୍କୁ ପୋଲିସ ଭାଲିଆପଦର ଗାଁ ନିକଟରୁ ଉଠାଇନେଇଛି । ଜିଲା ଏସ୍‌ପି ଓ ମୁନିଗୁଡ଼ା ଏସଡ଼ିପିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁ ନ ଥିବା ଅଭିଯୋଗ ହୋଇଛି। ପୋଲିସ କାହିଁକି ବଳିଙ୍କୁ ଉଠାଇ ନେଇଛି ତାର ସତ୍ୟାସତ୍ୟ ଯଦି ପୋଲିସ ସୂଚନା ନ ଦିଏ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନିୟମଗିରୀ ସୁରକ୍ଷା ସମିତିର ଆବାହକ ଲିଙ୍ଗରାଜ ଆଜାଦ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିୟମଗିରୀ ସୁରକ୍ଷା ସମିତିର ଉପ ସଭାପତି ଦଧି ପୁସିକା, ଉପେନ୍ଦ୍ର ଦ୍ରାବିଡ ଓ କଳାହାଣ୍ଡି ଖଣ୍ଡେଲମାଳୀ ସୁରକ୍ଷା ସମିତିର ସମ୍ପାଦକ ବ୍ରିଟିଶ କୁମାର, ଏଆଇକେଏମଏସର ବ୍ଲକ ସଭାପତି କନିନ୍ଦ୍ର ଜାଳିକା, ନିୟମଗିରୀ ସୁରକ୍ଷା ସମିତି ଯୁବ କମିଟିର ସଭାପତି ଦାସୁରୁ କାଡ୍ରାକା ଓ ସାଇବୁ ପୁସିକାଙ୍କ ସମେତ ଶତାଧିକ ଡଙ୍ଗରିଆ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

ରାୟଗଡ଼ା,୧୧।୭(ଆଶିଷ ରଞ୍ଜନ ପଣ୍ଡା)

ଟ୍ରେନରେ ଗଞ୍ଜେଇ ଚୋରା ଚାଲାଣ ବେଳେ ପ୍ରାୟ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି ରେଳବାଇ ପୋଲିସ। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି ରାୟଗଡ଼ା ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିବା ଆରପିଏଫ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୫ ଜଣ ବ୍ୟକ୍ତି ବିଶାଖାପାଟଣା ଦୁର୍ଗ ଏକ୍ସପ୍ରେସ ଟ୍ରେନର ଏ-୧ ଏସି ବଗିରେ ପ୍ରାୟ ୧୪ଟି ବ୍ୟାଗରେ ଗଞ୍ଜେଇ ନେଇ ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ ଯାଉଥିଲେ। ଏହି ସମୟରେ ଟ୍ରେନରେ ପାଟ୍ରୋଲିଂ କରୁଥିବା ରେଳବାଇ ପୋଲିସ ଏଏସଆଇ ଜେ.ଏସ.ନାରାୟଣଙ୍କ ନେତୃତ୍ୱରେ ଚେକିଂ ସମୟରେ ୧୪ଟି ବ୍ୟାଗରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଗଞ୍ଜେଇ ଚୋରାଚାଲାଣ କରୁଥିବା ୫ ଅଭିଯୁକ୍ତଙ୍କୁ ରାୟଗଡା ରେଳ ଷ୍ଟେସନ ଠାରେ ଓହ୍ଲାଇ ଅବକାରୀ ବିଭାଗକୁ ଜିମା ଦେଇଛି। ଜବତ ହୋଇଥିବା ପ୍ରାୟ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବବୋଲି କୁହାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ଗିରଫ ୫ ଅଭିଯୁକ୍ତଙ୍କ ପରିଚୟ ମିଳିପାରିନାହିଁ। ତଦନ୍ତ ପରେ ସମସ୍ତ ସତ୍ୟାସତ୍ୟ ଜଣାପଡିବ ବୋଲି ରେଳବାଇ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ଶ୍ରମ ଅଧିକାରୀଙ୍କୁ ଗୁହାରି କଲେ ମୃତ ଶ୍ରମିକଙ୍କ ବାପା

ରାୟଗଡ଼ା, ୧୧।୭ (ଭାଗ୍ୟଶ୍ରୀ ମିଶ୍ର)

**ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ**

ତାମିଲନାଡୁ ରାଜ୍ୟର କୁମାରୀଗିରି ସୂତାକଳରେ ଶ୍ରମିକ ଭାବେ କାମ କରୁଥିବା ମୁନିଗୁଡା ବ୍ଲକ ମାଳିଗିରିପୁର ଗ୍ରାମର ଉମେଶ ମିଣିଆକା (୨୨)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଗତ ୩ ତାରିଖରେ ଉମେଶଙ୍କର ହୃଦଘାତ ଯୋଗୁ ମୃତ୍ୟୁ ହୋଇଥିବା ସୂତାକଳ କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ଉମେଶଙ୍କ ଶବ ବ୍ୟବଚ୍ଛେଦ ସମୟରେ ତାଙ୍କ ଡାହାଣ ହାତରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଓ ମୃତଦେହ ଓଡ଼ିଶାକୁ ନେବାକୁ ଅନୁମତି ନ ଦେଇ ସେଠାରେ ତରବରିଆ ଭାବେ ଶବଦାହ କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ଉପଯୁକ୍ତ ଦଣ୍ଡ ଦେବା ସହ ପରିବାରକୁ କ୍ଷତିପୂରଣ ଦେବା ପାଇଁ ମୃତ ଉମେଶଙ୍କ ବାପା ବେଙ୍ଗୁ ମିଣିଆକା ଏକ ଲିଖିତ ଅଭିଯୋଗପତ୍ର ଜିଲା ଶ୍ରମ ଅଧିକାରୀ ଯସ୍ମିନ୍ ସାହୁଙ୍କୁ ପ୍ରଦାନ କରିଛନ୍ତି ।

ବେଙ୍ଗୁ ମିଣିଆକାଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ ବର୍ଷ ହେବ ଉମେଶ ତାମିଲନାଡୁର କୁମାରୀଗିରି ସୂତାକଳରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୩ ତାରିଖରେ ପୁଅ ଉମେଶଙ୍କର ହାର୍ଟ ଆଟାକ ହୋଇଥିବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଉମେଶଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ତାମିଲନାଡୁ ଯାଇଥିବାବେଳେ ଉମେଶ ରହୁଥିବା ଭଡା ଘରକୁ ସେମାନଙ୍କୁ ଯିବାକୁ ଦିଆଯାଇ ନ ଥିଲା। ତେଣୁ ତାଙ୍କୁ କେହି ହତ୍ୟା କରି ଘଟଣା ଚପାଇବାକୁ ଉଦ୍ୟମ ହେଉଥିବା ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି।



ଜିଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ପରିବାର ଲୋକେ।

# ଶିକ୍ଷା ନୀତି-୨୦୨୦କୁ ବିରୋଧ କରି ପ୍ରତିବାଦ

**ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏଶନର ଜିଲାସ୍ତରୀୟ ସମ୍ମିଳନୀ**

ଗୁଣପୁର, ୧୧।୭ (ପ୍ରଦୀପ କୁମାର ପାଢ଼ୀ)

ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏଶନ ତରଫରୁ ରାୟଗଡା ଜିଲା ଗୁଣପୁର ବ୍ଲକ ଜଲତାର ପଞ୍ଚାୟତର ଲୁଙ୍ଗରୁତାଲ ଗାଁରେ ମଙ୍ଗଳବାର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ ଶବର ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏବଂ ଶିକ୍ଷାର ଘରୋଇକରଣ ନେଇ ଆଲୋଚନା କରିଥିଲେ। ନୂତନ ଶିକ୍ଷା ନୀତି ୨୦୨୦କୁ ବିରୋଧ କରି ପ୍ରତିବାଦ କରାଯିବା ସହ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା।

ଓଡିଶା ଦାୟିତ୍ୱରେ ରହିଥିବା (ଏଆଇଏସ୍‌ଏ)ର କେନ୍ଦ୍ରୀୟ ନେତା ମହମ୍ମଦ ସୌହାଲ ଓ ଲିଙ୍ଗୁଲାଲ ସବୁଧି, ସିପିଆଇ (ଏମଏଲ) ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି ବିରୋଧରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ଆସନ୍ତା ଅଗଷ୍ଟ ୯, ୧୦ ଏବଂ ୧୧ ତାରିଖରେ କୋଲକାତାଠାରେ ହେବାକୁ ଥିବା ଏଆଇଏସ୍‌ଏର ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସମସ୍ତଙ୍କ ପାଇଁ ସମ୍ମାନଜନକ ନିଯୁକ୍ତି ଏବଂ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଜାତିଜାତି ଭିତରେ ଭେଦଭାବ ଏବଂ ସାମ୍ପ୍ରଦାୟିକ ଘୃଣା ରାଜନୀତି ବନ୍ଦ ହେଉ ଆଦି ବିଷୟରେ ଆଲୋଚନା ହୋଇଥିଲା । ସଞ୍ଜୀବ ଶବର, ଏଆଇଏସ୍‌ଏର ପୂର୍ବତନ ସଭାପତି ଲିଙ୍ଗୁଲାଲ ସୁବୁଧି, ମହମ୍ମଦ ସୌହଲି, ସୌରଭ କୁମାର ଗମାଙ୍ଗ, ରଶ୍ମୀ ଶବର, ସାଲିଲା ଶବର, ଦିବାକର ନିମାଲା, ବୃନ୍ଦାବନ ବିଡିକା, ଅନାସିମ ଶବର ପ୍ରମୁଖ ଉପସ୍ଥିତ ଥିଲେ ।




ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏଶନ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସିଆରସିସି କାର୍ଯ୍ୟାଳୟ ପରିସରରେ ଚାରାରୋପଣ

ଗୁଣପୁର,୧୧।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାୟାଳୟ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରି ପ୍ରତିଶ୍ରୁତି ସିଂ,ରେଞ୍ଜର ଅଶୋକ କୁମାର ବେହେରା,ଡେପୁଟି ରେଞ୍ଜର ନିଳମାଧବ ପାଢୀ, ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା, ସବିତା ଶବରଙ୍କ ସମେତ ସିଆରସିସି କାର୍ଯ୍ୟାଳୟର କର୍ମଚାରୀ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨ ସନ୍ତାନ ଆଇନ ଲାଗୁ କରିବାକୁ ଦାବିପତ୍ର

ରାୟଗଡ଼ା, ୧୧।୭ (ଭାଗ୍ୟଶ୍ରୀ ମିଶ୍ର)

ଦେଶରେ ସବୁ ନାଗରିକମାନଙ୍କ ପାଇଁ ସମାନ ସଂହିତା ଆଇନ ପ୍ରଣୟନ ସହିତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ନାଗରିକଙ୍କ ନିମନ୍ତେ ଦୁଇ ସନ୍ତାନ ଆଇନ ଲାଗୁ କରିବା ପାଇଁ ରାୟଗଡ଼ା ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶରେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବା ଦେଶର ସବୁ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୟନ ସହ ୫ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଦେଶ ବର୍ତ୍ତମାନ ବିସ୍ଫୋଟକ ଜନସଂଖ୍ୟା ଜନିତ ସଙ୍କଟମୟ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି। ପୃଥିବୀର ସମୁଦାୟ ଜନସଂଖ୍ୟାରୁ ୧୮% ଲୋକ ଆମ ଦେଶରେ ଅଛନ୍ତି। ଭାରତ ଏବେ ଜନସଂଖ୍ୟାରେ ଚୀନକୁ ଟପି ଗଲାଣି। ଜନସଂଖ୍ୟାର ଅହେତୁକ ବୃଦ୍ଧି ଯୋଗୁ ଆମ ଦେଶରେ କୁପୋଷଣ, ଅନାହାର ବୃଦ୍ଧି ପାଇବା ସାଙ୍ଗକୁ ବେକାରି ସମସ୍ୟା ବୃଦ୍ଧି ପାଉଛି । ଯେଉଁମାନେ ଦୁଇ ସନ୍ତାନ ଜନ୍ମ ଦେବା କଟକଣାକୁ ମାନୁନାହାନ୍ତି ସେମାନଙ୍କ ପ୍ରତି କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ଦାବି କରାଯାଇଛି। ସେହିପରି ତୃତୀୟ ସନ୍ତାନ ଜନ୍ମଦାତାଙ୍କୁ ସରକାରୀ ଚାକିରୀ ଦିଆ ନ ଯିବା, ଚାକିରୀରେ ଥିବା ବ୍ୟକ୍ତି ତୃତୀୟ ସନ୍ତାନ ଜନ୍ମ ଦେଲେ ଉଭୟ ଦମ୍ପତିଙ୍କୁ ଅତିଶୀଘ୍ର ସେବା ନିବୃତ୍ତ କରିବାର ବ୍ୟବସ୍ଥା କରାଯିବ, ତୃତୀୟ ସନ୍ତାନ ଜନ୍ମ ଦେଇଥିବା ବ୍ୟକ୍ତିଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରିବାକୁ ଆଇନ ପ୍ରଣୟନ ପାଇଁ ଦାବି ହୋଇଛି। ଚତୁର୍ଥ ସନ୍ତାନ ଜନ୍ମ ଦେଲେ ସମ୍ପୃକ୍ତ ଦମ୍ପତିଙ୍କୁ ଜେଲଦଣ୍ଡର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଗଠନ ସମ୍ପାଦକ ଯୋଗେଶ୍ୱର ଦାସ ଏବଂ ସାମାଜିକ କର୍ମୀ ତଥା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବାଦଲ କୁମାର ତା ଅତିଥି ଭାବେ ଯୋଗଦେଇ ଜନସଂଖ୍ୟା ହ୍ରାସ ଦିଗରେ ଆଲୋଚନା କରିଥିଲେ। ଜିଲା ସଭାପତି ଦୁର୍ଗାମାଧବ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ ସମୟରେ ସାମାଜିକ କର୍ମୀ ଗଣେଶ କୁମାର ସାହୁ, ପ୍ରଳୟ କୁମାର ସାହୁ, ଧର୍ମସିଂ ନାଗ, ପରମା ନନ୍ଦ ପ୍ରଧାନ , ବସନ୍ତ କୁମାର ଉଲ୍ଲାକା, କୁମାରୀ ବାଡତିୟା, ସନ୍ତୋଷ କୁମାର ଦଳାଇ ଯୋଗଦେଇଥିଲେ ।




ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆଦର୍ଶ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୧୧।୭ (ପ୍ରଶାନ୍ତ କର)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଖମାପଦର ପଞ୍ଚାୟତର ବିରିପଦର ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅଞ୍ଚଳର ଆଦର୍ଶ ଶିକ୍ଷକ ପ୍ରଦୀପ କୁମାର ବାହିନୀପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏମ୍ ଗୋପାଳ କୃଷ୍ଣଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଦ୍ମପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରସେନା ଲିମା ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଭାରେ ସିଆରସିସି ରାଧାକୃଷ୍ଣ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁଙ୍କ ସହ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗଦେଇ ବିଦାୟୀ ଶିକ୍ଷକ ବାହିନୀପତିଙ୍କ ଗୁଣଗାନ କରିଥିଲେ। ଶିକ୍ଷକ ପ୍ରଦୀପ ବାହିନୀପତି ଜଣେ ଛାତ୍ର ବସ୍ତଳ ଓ ପରୋପକାରୀ ବ୍ୟକ୍ତି ହୋଇଥିବାରୁ ସେ ଗ୍ରାମବାସୀଙ୍କ ମଧ୍ୟ ଆଦରଣୀୟ ଥିଲେ ବୋଲି ଶିକ୍ଷକ ଶିବ ପ୍ରସାଦ ସାହୁ, ପି.ସନ୍ତୋଷ, ଦିଲ୍ଲୀପ ଶବର ପ୍ରମୁଖ କହିଥିଲେ। ପରେ ପ୍ରଦୀପ ବାହିନୀପତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ଏକ ବିରାଟ ପଟୁଆରରେ ତାଙ୍କୁ ବିଦାୟ ଦେଇଥିଲେ।



ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ‘ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ’

ରାୟଗଡ଼ା, ୧୧।୭ (ଭାଗ୍ୟଶ୍ରୀ ମିଶ୍ର)

**ବିଶ୍ୱ ଜନସଂଖ୍ୟା ଦିବସ ପାଳିତ**

ରାୟଗଡ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭି.ଏଲ.ଏନ ରାଜୁ, ଭିବିଡି ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ବି.ଏଲ.ଏନ ପୃଷ୍ଟି, ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଏ, ଅତିରିକ୍ତ ଜିଲ୍ଲା ଜନ ସୱାସ୍ଥ୍ୟ ଅଧିକାରୀ (ଟିବି) ଡା ମମତା ସାହୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବରଦାକାନ୍ତ ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଶ୍ରୀ ରଏ କହିଥିଲେ ଯେ, ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭନିରୋଧକ ଔଷଧ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ଏପରିକି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ମାଗଣା ପରାମର୍ଶ ସହ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି । ପରିବାର ନିୟୋଜନ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ ଯାହାଦ୍ୱାରା ଜନସଂଖ୍ୟା ନିୟନ୍ତ୍ରଣକୁ ଆସିପାରିବ। ପରିବାର ନିୟୋଜନ ଯୋଜନାକୁ ସଫଳ କରିବା ପାଇଁ ଶାଶୁ ବୋହୁ ସମ୍ମିଳନୀ ଏବଂ ନବ ଦମ୍ପତି କିଟ ଭଳି ନୂତନ କାର୍ଯ୍ୟକ୍ରମ ମାନ ଆରମ୍ଭ ହୋଇଛି ବୋଲି ସେ କହିଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଆୟୋଜିତ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାକୁ ପରିବାର ନିୟୋଜନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ନିରଞ୍ଜନ ମିଶ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।




ରାୟଗଡ଼ା ଜିଲାକୁ ପରିବାର ନିୟୋଜନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ସମ୍ମାନିତ କରାଯାଉଛି।

# ହକ୍ ପାଇଁ ସ୍ୱାମୀଙ୍କ ଘର ସମ୍ମୁଖରେ ବସିଲେ

ରାୟଗଡ଼ା,୧୧।୭ (ଆଶିଷ ରଞ୍ଜନ ପଣ୍ଡା)

- ଶିକ୍ଷକ ଓ ମହିଳା ଅଧିକାରୀଙ୍କ ପରକୀୟା ପ୍ରୀତି
- ନ୍ୟାୟ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ

ସ୍ୱାମୀଙ୍କର ଜଣେ ଜିଲାସ୍ତରୀୟ ମହିଳା ଅଧିକାରୀଙ୍କ ସହ ଅନୈତିକ ସମ୍ପର୍କକୁ ସ୍ତ୍ରୀ ବିଷ୍ଣୁପ୍ରିୟା ନାଏକ ବିରୋଧ କରିବାରୁ ସ୍ୱାମୀ ଓ ଶାଶୁ ମିଶି ତାଙ୍କୁ ଘରୁ ବାହାର କରିଦେଇଛନ୍ତି। ତେବେ ନିଜ ହକ୍ ପାଇବା ଦାବିରେ ବିଷ୍ଣୁପ୍ରିୟା ମଙ୍ଗଳବାର ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ନ୍ୟାୟ ଦାବିରେ ବିଷ୍ଣୁପ୍ରିୟା ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ସକାଳ ୮ଟାରେ ସାଇପ୍ରିୟାନଗର ଦଶମ ଲେନ୍‌ରେ ସ୍ୱାମୀ ପ୍ରଶାନ୍ତ ନାୟକ ରହୁଥିବା ଘର ଦାଣ୍ଡରେ ବସିଥିଲେ। ବହୁ ଅନୁରୋଧ ପରେ ସ୍ୱାମୀ ଓ ଶାଶୁ ଭାରତୀ ନାୟକ ତାଙ୍କୁ ଘରେ ଭର୍ତ୍ତି ନ କରିବାରୁ ସେ ସାମାଜିକ କର୍ମୀ ସନ୍ତୋଷୀ ସେନାପତିଙ୍କ ସହ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟିଥିଲେ । ଜିଲାପାଳ ସିଂ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବିଷ୍ଣୁପ୍ରିୟାଙ୍କୁ ନ୍ୟାୟ ଦେବା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଷ୍ଣୁପ୍ରିୟା ଏସ୍‌ପି ଶର୍ମାଙ୍କୁ ଭେଟିଥିଲେ । ଏସ୍‌ପି ଶର୍ମା ରାୟଗଡ଼ା ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ଡକାଇ ମାମଲା ରୁଜୁକରିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ, ଶିକ୍ଷକ ପ୍ରଶାନ୍ତ ଓ ଜଣେ ଜିଲାସ୍ତରୀୟ ଅଧିକାରୀଙ୍କ ଅନୈତିକ ସମ୍ପର୍କ ବିଷୟରେ ସ୍ତ୍ରୀ ବିଷ୍ଣୁପ୍ରିୟା ଜାଣିବା ପରେ ବାରମ୍ବାର ବିରୋଧ କରିବା ସହ ସ୍ୱାମୀଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ । ତେବେ ସୋମବାର ସକାଳୁ ବିଷ୍ଣୁପ୍ରିୟା ନିକଟସ୍ଥ ମନ୍ଦିରକୁ ଯାଇ ଫେରିବା ପରେ ଶାଶୁ ଭାରତୀ ଘରର ଗେଟ୍‌ରେ ତାଲା ପକାଇ ଦେଇଥିଲେ । ସ୍ୱାମୀ ପ୍ରଶାନ୍ତଙ୍କୁ କହିବାରୁ ସେ ଆଉ ତାଙ୍କୁ ଘରେ ରଖିବେ ନାହିଁ ବୋଲି କହିଥିଲେ । ସେମାନେ ତାଙ୍କୁ ଘରେ ଭର୍ତ୍ତି ନ କରିବାରୁ ବିଷ୍ଣୁପ୍ରିୟା ୱାନ୍ ଷ୍ଟପ୍ ସଲ୍ୟୁସନ ସେଣ୍ଟର ସଖୀ ସଂସ୍ଥାର ଦ୍ୱାରସ୍ଥ ହୋଇଥିଲେ । ତେବେ ମାମଲା ଗୁରୁତର ଥିବାରୁ କାଉନସେଲିଂ ସେଣ୍ଟର ତାଙ୍କୁ ପୋଲିସରେ ଅଭିଯୋଗ କରିବାକୁ କହିଥିଲେ । ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ସେ ସୋମବାର ରାତିରେ ସଖୀ ସଂସ୍ଥାର ସହାୟତାରେ ରାତ୍ରିଯାପନ କରିଥିଲେ । ମଙ୍ଗଳବାର ସକାଳ ୮ଟାରେ ସାମାଜିକ କର୍ମୀ ସନ୍ତୋଷୀ ସେନାପତିଙ୍କ ସହଯୋଗରେ ସାଇପ୍ରିୟାନଗର ୧୦ମ ଲେନ୍‌ସ୍ଥିତ ଘରେ ପହଞ୍ଚିଥିଲେ ମଧ୍ୟ ପ୍ରଶାନ୍ତ ତାଙ୍କୁ ଘରେ ପୂରାଇଦେଇ ନ ଥିଲେ। ଓଲଟା ତାଙ୍କୁ ଆଉ ସ୍ତ୍ରୀର ଆବଶ୍ୟକତା ନାହିଁ ବୋଲି କହି ଚାଲିଯାଇଥିଲେ । ଏପରିକି ପ୍ରଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ଆଉ ଗ୍ରହଣ କରିବେ ନାହିଁ ବୋଲି ଗଣମାଧ୍ୟମ ଆଗରେ ମଧ୍ୟ କହିଥିଲେ। ପରେ ସାମାଜିକ କର୍ମୀ ରୀନା ପୋଲିସକୁ ଫୋନ୍ କରି ଡକାଇବା ପରେ ପ୍ରଶାନ୍ତ କେଉଁଆଡ଼େ ଚାଲିଯାଇଥିଲେ। ପୋଲିସ ବହୁ ସମୟ ଧରି କବାଟ ବାଡ଼େଇବା ପରେ ପ୍ରଶାନ୍ତଙ୍କ ପୁଅ କବାଟ ଖୋଲିଥିଲେ ଏବଂ ମା’ ବିଷ୍ଣୁପ୍ରିୟାଙ୍କୁ ଘରକୁ ଡାକି ନେଇଥିଲେ । ତେବେ ପୋଲିସ ପହଞ୍ଚି ଶାଶୁ ଭାରତୀଙ୍କୁ ଖୋଜିବା ବେଳେ ସେ ବାଥ୍‌ରୁମ୍‌ରେ ଲୁଚିଥିବା ଦେଖିବାକୁ ମିଳିଥିଲା । ପୋଲିସ ଶାଶୁ ଭାରତୀଙ୍କୁ ଥାନାକୁ ଡାକିବାରୁ ସେ ଯିବାକୁ ମନା କରିଦେଇଥିଲେ। ହେଲେ ଘରେ ବିଷ୍ଣୁପ୍ରିୟାଙ୍କୁ ରହିବାକୁ ଭାରତୀ ମନା କରିବାରୁ ସେ ପୁଣି ଥାନାକୁ ଯାଇଥିଲେ । ତେବେ ପ୍ରଶାନ୍ତଙ୍କ ଅନୈତିକ ସମ୍ପର୍କ ବିଷୟରେ ଭାରତୀଙ୍କୁ ପଚାରିବାରୁ ମୋ ପୁଅର ସେଭଳି କୌଣସି ସମ୍ପର୍କ ନାହିଁ। ସମ୍ପୃକ୍ତ ମହିଳା ଅଧିକାରୀ ତାଙ୍କ ଘରକୁ ଆସୁଥିଲେ। ତେବେ ବିଷ୍ଣୁପ୍ରିୟାଙ୍କ ସନ୍ଦେହ ହେବାରୁ ଉକ୍ତ ମହିଳାଙ୍କୁ ଘରକୁ ନ ଡାକିବାକୁ ସେ ପ୍ରଶାନ୍ତଙ୍କୁ ମନା କରିଥିବା କହିଥିଲେ । ତେବେ ପ୍ରଶାନ୍ତ ଶିକ୍ଷକତା କରିବା ସହ ଜଣେ ଗାୟକ ହୋଇଥିବାରୁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସେ ଯୋଗାଯୋଗ କରେ । ହେଲେ ସେମାନଙ୍କ ଭିତରେ ସେଭଳି କୌଣସି ଅନୈତିକ ସମ୍ପର୍କ ନ ଥିବା ଭାରତୀ କହିଛନ୍ତି । ବିଷ୍ଣୁପ୍ରିୟାଙ୍କୁ ନ୍ୟାୟଦେବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।



ସ୍ୱାମୀଙ୍କ ଘର ସମ୍ମୁଖରେ ବସିଥିବା ସ୍ତ୍ରୀ ବିଷ୍ଣୁପ୍ରିୟା।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ୫ ଗିରଫ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ) ଆକ୍ରମଣ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଲଛମନ ଗାଦବା (୩୨), ମାନସିଂ ଗାଦବା (୩୪), ହରିବନ୍ଧୁ ଗାଦବା (୩୦), ଜଗଦୀଶ ଗାଦବା (୨୩) ବଳ ରାମ ଗାଦବା (୪୪)। ପୋଲିସ ଜରେ ନାବାଳକଙ୍କୁ ଅଟକ ରଖିଛି। ସୂଚନାନୁଯାୟୀ, ଯମୁନାଗୁଡାର ସମୀର ହରିଜନ, କୁମ୍ଭାରପୁଟର ଭାଲୁ ହରିଜନ ଓ ଗରୁଡଗୁଡ଼ାର ପଦ୍ମନ ହରିଜନ ୩ଜଣ ପଖୋରିକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଅଟକ ନାବାଳକ ଓ ଗିରଫ ଅଭିଯୁକ୍ତମାନେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସମୀର ଓ ଭାଲୁ ଆହାତ ହୋଇଥିଲେ। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାପରେ ପୋଲିସ ୨୦୩/୨୩ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କିରଥିଲା। ତଦନ୍ତରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ନାବାଳକଙ୍କୁ ଜୁଭେନାଇନ ଜଷ୍ଟିଜ ବୋର୍ଡ ନିକଟରେ ହାଜର କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ପ୍ରାକୃତିକ ସମ୍ବଳ ଉପଯୋଗ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା




ନନ୍ଦପୁର, ୧୧।୭(ଶଙ୍କର ପୂଜାରୀ)- କୋରାପୁଟ ଜିଲା ନନ୍ଦପୁର ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର ବ୍ଲକରେ କାର୍ଯ୍ୟରତ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ସଂସ୍ଥା ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଙ୍କଳନ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ନନ୍ଦପୁର ବ୍ଲକ କୃଷି ଅଧିକାରୀ ଦେବାଶିଷ ଦେଶି ନାୟକ, ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଶ୍ରୀଧର ଜାନି, ଏଫ୍‌ଇଏସ୍ ସଂସ୍ଥାର ତପନ ପାଢ଼ୀ, ତପନ ଖୋସଲା ପ୍ରମୁଖ ନିରନ୍ତର କୃଷି ପଦ୍ଧତିର ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଛି। ନନ୍ଦପୁର ବ୍ଲକର ୨୩ପଞ୍ଚାୟତର ୩୫ଜଣ କୃଷକ ସାଥୀ ଓ ଚାଷୀ ଯୋଗ ଦେଇଥିଲେ। ଏହି କର୍ମଶାଳା ମାଧମରେ ପୂର୍ବବର୍ଷର କାର୍ଯ୍ୟକୁ ସମୀକ୍ଷା କରାଯାଇ ଆଗାମୀ ଦିନ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ନିରନ୍ତର କୃଷି, ସ୍ଥାନୀୟ ଅର୍ଥନୀତି ଉପରେ ପ୍ରଭାବ, କୃଷି କାର୍ଯ୍ୟରେ ମହିଳାଙ୍କ ଅଂଶଗ୍ରହଣ ଏବଂ ଅବଦାନ, ପ୍ରାକୃତିକ ସମ୍ବଳର ଉପଯୋଗ ସମେତ ପରିବେଶ ସୁରକ୍ଷା ଓ କୃଷକ ସାଥୀଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାଦେବ ଖେମୁଣ୍ଡୁ, ସନା ଜାନି ଏବଂ ପି. ସୁଧାକର ରାଓ କର୍ମଶାଳା ପରିଚାଳନା ପ୍ରମୁଖ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ) ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିଷୋଇପୁଟର କିଶୋର ଗଣ୍ଡ। ପୋଲିସ ସୂଚନାନୁଯାୟୀ ଜୟପୁର ସଦର ଥାନା ବିଷୋଇପୁଟ ଗ୍ରାମର କିଶୋର ଗଣ୍ଡଙ୍କ ନାମରେ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେହି ଦିନରୁ ଅଭିଯୁକ୍ତ କିଶୋର ଫେରାର ଥିଲେ। ବିଷୋଇପୁଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୧।୭(ପବନ ପାଣିଗ୍ରାହୀ)- ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ଭୁପତିସାହିର ଅଭିନାଶ ମହାନ୍ତି (୨୫)। ଭୁପତି ଦିନ ବେଳା ସାହିରେ ଜଣେ ବ୍ୟକ୍ତିଙ୍କ ଘର ଖୋଲାଥିବା ଦେଖି ଘରେ ପଶି ସୁନା ଗହଣା ଆଦି ଚୋରି କରି ନେଇ ଆସିଥିଲେ। ଏନେଇ ଘରମାଲିକ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଏଥିରେ ଭୁପତିସାହିର ଅଭିନାଶଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ସୁନାଚେନ୍ ଓ ୩୦ ହଜାର ଟଙ୍କା ଜବତ ହୋଇଥିବା ଟାଉନ ଥାନା ଅଧିକାରୀ ସମ୍ପିତ ବେହେରା କହିଛନ୍ତି।

# ପାଣି ଅଭାବରୁ ତଳିଘେରା ଫାଟି ଆଁ

ନବରଙ୍ଗପୁର, ୧୧।୭ (ସଦାଶିବ ପ୍ରହରାଜ)



- ଜଳସେଚନ ବିହୀନ ନବରଙ୍ଗପୁର ଜିଲାରେ ନିଅଣ୍ଟିଆ ବର୍ଷା
- ଜୁନ୍‌ରେ ହାରାହାରି ୧୨୪, ଜୁଲାଇରେ ଏବେ ସୁଦ୍ଧା ୪୪ ମି.ମି.

ଶ୍ରାବଣରେ ବର୍ଷା ଉଭାନ। ନବରଙ୍ଗପୁର ଜିଲାରେ ଶ୍ରାବଣ ମାସରେ ଭୀଷଣ ଗୁଳୁଗୁଳି ହେଉଛି। ଜୁନ୍ ଓ ଜୁଲାଇରେ ଅତି କମ୍ ପରିମାଣର ବର୍ଷା ଯୋଗୁ ତଳି ଘେରା ଫାଟି ଆଁ କଲାଣି। ଜଳସେଚନ ବିହୀନ ନବରଙ୍ଗପୁର ଜିଲାରେ ଚାଷୀ ବର୍ଷା ଅଭାବରୁ ମୁଣ୍ଡରେ ହାତ ଦେଇ ବସିଛି।

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୪ ହଜାର ହେକ୍ଟରରେ ଧାନ ଚାଷ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଜିଲାରେ ଗତ ଜୁନ୍ ମାସରେ ହାରାହାରି ୧୨୪ ମି.ମି. ବର୍ଷା ହୋଇଥିଲା। ଜୁଲାଇ ମାସରେ ଆଦୌ ବର୍ଷା ନାହିଁ କହିଲେ ଚଳେ। ଜୁଲାଇ ମାସର ୧୦ ଦିନ ବିତିଲା। ଜୁଲାଇ ୫ ରୁ ୮ ତାରିଖ ମଧ୍ୟରେ ୪ ଦିନରେ ସ୍ୱଳ୍ପ ବୃଷ୍ଟିପାତ ହେବା ସହ ଜିଲାରେ ହାରାହାରି ୪୪ ମି.ମି. ବର୍ଷା ହୋଇଛି। ଗତ ବର୍ଷ ଜୁନ୍‌ରେ କମ୍ ବର୍ଷା ହୋଇଥିଲେ ମଧ୍ୟ ଜୁଲାଇରେ ୧୦ ଦିନ ମଧ୍ୟରେ ନିୟମିତ ଭାବେ ହାରାହାରି ୧୬୦ ମି.ମି. ବର୍ଷା ହୋଇଥିଲା। ଫଳରେ ଧାନରୁଆ କାମ ହୋଇପାରିଥିଲା। ଏବେ ବର୍ଷା ତ ଦୂରର କଥା। ଧାରା ଶ୍ରାବଣରେ ଟାଇଁଟାଇଁ ଖରା ହେଉଛି। ତଳି କିଆରିରେ ପାଣି ଅଭାବରୁ ତଳିଘେରା ଫାଟି ଆଁ କଲାଣି। ଯଦି ୩ରୁ ୪ ଦିନ ମଧ୍ୟରେ ବର୍ଷା ନ ହୁଏ ତେବେ ତଳି ପୋଡ଼ିଯିବା ଆଶଙ୍କା ରହିଛି। ଜିଲାରେ କେବଳ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ଜମିରେ ହିଁ ଧାନଚାଷ ହୋଇଛି। ଉଠାଜଳସେଚନ ପ୍ରକଳ୍ପ ଓ ବଡ଼ ବଡ଼ ଜଳାଶୟ ପାଣିରେ ଜିଲାରେ ଧାନ ରୁଆ ମାତ୍ର ପ୍ରାୟ ୧୫% ସରିଛି। ଯଦି ଏହିଭଳି ପାଣିପାଗ ରହେ ତାହା ଧାନ ଉତ୍ପାଦନରେ ବିଶେଷ ପ୍ରଭାବ ପକାଇବ।

ନବରଙ୍ଗପୁର ଜିଲାରେ ଅଧିକାଂଶ ଜମି ଢିପ ଅଞ୍ଚଳରେ ରହିଛି। ଜିଲାରେ ଧାନଚାଷ ହେଉଥିବା ମୋଟ ପ୍ରାୟ ୧ଲକ୍ଷ ୪ହଜାର ହେକ୍ଟର ଜମି ମଧ୍ୟରୁ ଢିପ ଜମି ୩୮୮୭୩ ହେକ୍ଟର। ମଧ୍ୟମ ଧରଣର ଜମି ୩୮୩୪୨ ଓ ଖାଲୁଆ ଜମି ୨୯ ହଜାର ୧ଶହ ହେକ୍ଟର। ମୋଟ ଜମିର ପ୍ରାୟ ୭୦ ପ୍ରତିଶତ ଜମି ଢିପ ଓ ମଧ୍ୟମ ଧରଣର। ଜଳସେଚନର ସୁବିଧା ନ ଥିବାରୁ ଅଧିକାଂଶ ଜମି ବର୍ଷାପାଣି ଉପରେ ନିର୍ଭର। ଜଳସେଚନ କହିଲେ କେବଳ ଉଠାଜଳସେଚନ ପ୍ରକଳ୍ପ ହିଁ ସାହାଭରସା। ଜୁନ୍ ଓ ଜୁଲାଇରେ ସ୍ୱାଭାବିକ ବର୍ଷା ହେଲେ ଚାଷୀ ସେହି ବର୍ଷାପାଣିରେ ଧାନ ରୁଆ କାମ ସାରିଥାଏ। ଜିଲାରେ ଜୁଲାଇ ଓ ଅଗଷ୍ଟରେ ଅଧିକ ବର୍ଷା ହୋଇଥାଏ। ଏହା ପୂର୍ବରୁ ଧାନଚାଷ ହେଲେ ଭଲ ଅମଳ ହୋଇଥାଏ। ନଭେମ୍ବର ସୁଦ୍ଧା ଧାନ ଅମଳ ହୋଇଥାଏ। ସାଧାରଣତଃ ଜିଲାରେ ଚାଷୀ ଜୁନ୍ ଶେଷ ସପ୍ତାହ ରଥଯାତ୍ରାରେ ଧାନରୁଆ କାମ ଆରମ୍ଭକରି ଜୁଲାଇ ୩ୟ ସପ୍ତାହ ସୁଦ୍ଧା ଧାନ ବେଉଷଣା କାମ ସାରୁଥିଲା। ଧାନ ଗଛକୁ ଅତି କମ୍‌ରେ ୨ ଇଞ୍ଚ ପାଣି ଆବଶ୍ୟକ ପଡିଥାଏ। କମ୍ ପାଣି କେବଳ ଆର୍ଦ୍ରତା ଥିବା ଜମିରେ ସାର ପ୍ରୟୋଗ କଲେ ମାଟି ଟାଣ ହେବା ସହ ଧାନ ଚାଷର କ୍ଷତି ହେବ। ତେବେ ନବରଙ୍ଗପୁର ଏକ କୃଷି ପ୍ରଧାନ ଜିଲା । ମୁଖ୍ୟତଃ ଧାନ, ଆଖୁ ଓ ମକା ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ରହିଛି। ଜିଲାରେ ୬୦ ହଜାର ହେକ୍ଟର ମକା ଓ ୫ ହଜାର ହେକ୍ଟରରେ ଆଖୁଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ଚଳିତ ବର୍ଷର ସ୍ୱଳ୍ପ ବୃଷ୍ଟିପାତ ଆଖୁଚାଷ ପାଇଁ ସୁହାଉଥିବାବେଳେ ମକା ଓ ଧାନଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

# ପେଣ୍ଡ୍ରାଣୀ ମନ୍ଦିର ପ୍ରାଙ୍ଗଣରୁ ବୃଦ୍ଧଙ୍କ ମୃତଦେହ ଜବତ

ଉମରକୋଟ, ୧୧।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମନ୍ଦିର ପରିସରରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ମିଳିଛି। ମୃତକ ହେଲେ ଭାମିନି ପଞ୍ଚାୟତ ପଡ଼େଇଗୁଡା ଗ୍ରାମର ସଦନ ହରିଜନ (୬୦)।

ସୂଚନାନୁଯାୟୀ ସୋମବାର ମା'ଙ୍କ ବାର୍ଷିକ ଯାତ୍ରା ଥିଲା। ଏହି ଉପଲକ୍ଷେ ରାତିରେ ମନ୍ଦିର ପରିସରରେ ଆଦିବାସୀ ନାଟକ ପରିବେଷଣ ହୋଇଥିଲା। ନାଟକ ଦେଖିବା ବେଳେ ସେହି ସ୍ଥାନରେ ସଦନ ଶୋଇ ପଡ଼ିଥିଲେ। ସକାଳେ ନାଟକ ସରିବା ପରେ କେତେଜଣ ଲୋକ ତାଙ୍କୁ ଉଠାଇବାରୁ ସେ ଉଠି ନ ଥିଲେ। ମୃତ୍ୟୁ ହୋଇଥିବା ସନ୍ଦେହରେ ମନ୍ଦିର ପରିଚଳନା କମିଟିର ସଭ୍ୟଙ୍କୁ ସେମାନେ ଖବର ଦେଇଥିଲେ। ଅକ୍ଷୟ ବିଷୋୟୀ, ଗଜେନ୍ଦ୍ର ନାୟକ, ବୁଢା ମିଶ୍ର ପ୍ରମୁଖ ସେଠାରେ ପହଞ୍ଚି ଉମରକୋଟ ଥାନାକୁ ଜଣାଇଥିଲେ। ପୋଲିସ ମନ୍ଦିରରେ ପହଞ୍ଚି ମୃତଦେହ ଜବତକରି ଉମରକୋଟ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସଦନ କିଛିଦିନ ହେବ ଅସୁସ୍ଥ ଥିଲେ ବୋଲି ଜଣାପଡିଛି। ଘଟଣା ସମ୍ପର୍କରେ ମୃତକଙ୍କ ପୁଅ କମଳଲୋଚନ ଉମରକୋଟ ଥାନାରେ ଲିଖିତ ଭାବରେ ଜଣାଇଛନ୍ତି। କେସ୍ ନମ୍ବର ୫୦/୨୩ରେ ମାମଲା ରୁଜୁକରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସବ୍ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ଏହାର ତଦନ୍ତ କରୁଛନ୍ତି। ମନ୍ଦିର ପରିସରରୁ ମୃତଦେହ ଜବତ ହୋଇଥିବାରୁ ମନ୍ଦିର ପୂଜା କାର୍ଯ୍ୟ ବନ୍ଦ ରହିଥିଲା। ମୃତଦେହ ଉଠିବା ପରେ ମନ୍ଦିରକୁ ସଫା କରାଯାଇ ଗଙ୍ଗାଜଳ ସିଞ୍ଚନ କରାଯାଇଥିଲା। ପୂଜକ ତ୍ରିନାଥ ମିଶ୍ର ହୋମଯଜ୍ଞ କରିଥିଲେ। ଏହି ସମୟରେ ମନ୍ଦିରର ମୁଖ୍ୟ ପୂଜକ ଉଗ୍ର ପୂଜାରୀ, ବଲ୍ଲଭ ମାଳୀ, ଭୁବନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ସୁମନ୍ତ ରାଉଳ ବେଷ୍ଟ ସର୍ଜନଭାବେ ସମ୍ମାନିତ


ଅତିଥିମାନେ ଡାକ୍ତରଙ୍କୁ ସମ୍ମାନିତ କରୁଛନ୍ତି ।

ଉମରକୋଟ, ୧୧।୭(ସନ୍ତୋଷ ଶତପଥୀ)

ବିଶ୍ୱ ଜନସଂଖ୍ୟା ନିୟନ୍ତ୍ରଣ ପକ୍ଷ ଅବସରରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୁମନ୍ତ ରାଉଳଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟରେ ସମ୍ମାନିତ କରାଯାଇଛି। ସିଡିଏମ୍‌ଓ ଡାକ୍ତର କାଳିଚରଣ ବେହେରା ଡାକ୍ତର ରାଉଳଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ବେଷ୍ଟ ସର୍ଜନଭାବେ ସମ୍ମାନିତ କରିଛନ୍ତି। ନବରଙ୍ଗପୁର ଜିଲାର ୧୦ଟି ବ୍ଲକ ମଧ୍ୟରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଉଳ ସର୍ବାଧିକ ୨୩୦୨ ମହିଳାଙ୍କ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ସଫଳତା ଖବର ପାଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

# ପୀଠ ପାଖ ୨ ପାହାଡ଼କୁ ପାହାଚ, ଡ୍ୟାମ୍‌ରେ ୮ ପିକ୍‌ନିକ୍ ପିଣ୍ଡି ହେବ

ଉମରକୋଟ, ୧୧।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାର ଐତାହସିକ ପୋଡ଼ାଗଡ଼ ପୀଠ ଓ ଭସ୍କେଲ ଡ୍ୟାମ୍‌ର ବିକାଶ ପାଇଁ ଚୂଡାନ୍ତ ନିଷ୍ପତ୍ତି ହେଇଛି। ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ପୋଡ଼ାଗଡ଼ରେ ପହଞ୍ଚି ପୋଡ଼ାଗଡ଼ ଟ୍ରଷ୍ଟର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝି, ବିଡିଓ ହିମାଞ୍ଚଳ ମାଝି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୀଠ ପାଇଁ ଆସିଥିବା ୨କୋଟି ୫୫ଲକ୍ଷ ଅନୁଦାନ ଅର୍ଥରେ ୨ଟି ପାହାଡ଼କୁ ପାହାଚ, ଶିଶୁ ଉଦ୍ୟାନ, ପାର୍କିଂ ସ୍ଥଳ, ସୋଲାର ଲାଇଟ୍, ପାନୀୟ ଜଳ ପ୍ରକଳ୍ପ ଓ ସଂଗ୍ରହାଳୟର ନବୀକରଣ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ପୋଡ଼ାଗଡ ଟ୍ରଷ୍ଟ ପକ୍ଷରୁ ଦଶ୍ରୁ ନାୟକ, ଜିତ୍ରୁ କଲାର, ଜଳଧର ମାଝି, ଦେବୀ ସିଂ ମାଝି, କୃଷ୍ଣ ପୂଜାରୀ, ଦେବ ଭତ୍ରା, ଦୟା ପୂଜାରୀ, ଟ୍ରଷ୍ଟ ସଭାପତି ଉଦ୍ଧବ ଚରଣ ନାୟକ, ଉପସଭାପତି ଜଗଦୀଶ ନାୟକ, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଭତ୍ରା, ସହସମ୍ପାଦକ ତୁଳସୀ ରାମ ଭତ୍ରା, କୋଷାଧକ୍ଷ ରତିରାମ ଭତ୍ରା, ଟ୍ରଷ୍ଟର ଆଇନ ପରାମର୍ଶଦାତା ରାମ ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କ ସହ ଆଲାଚନ କରିଥିଲେ। ଏହି ସମସ୍ତ ଉନ୍ନୟନ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଛି। ଆଲୋଚନାବେଳେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, କନିଷ୍ଠ ଯନ୍ତ୍ରୀ ମନୋଜ ସାହୁ, ବିନାୟକ ବେହେରା ଉପସ୍ଥିତ ଥିଲେ।

ସେହିପରି ଭାସ୍କେଲ ଡ୍ୟାମ୍ ବିକାଶ ପାଇଁ ଆସିଥିବା ୫ କୋଟି ୪୫ ଲକ୍ଷ ଟଙ୍କାର ବ୍ୟୟ ନେଇ ମଧ୍ୟ ଚୂଡାନ୍ତ ନିଷ୍ପତ୍ତି ହୋଇଛି। ଏ ନେଇ ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ କରାଯାଇଛି। ବୈଠକରେ ଜିଲାପାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଅଧକ୍ଷା, ଭାମିନି ସରପଞ୍ଚ ଓ ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ଚନ୍ଦନ ରାୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଭାସ୍କେଲ ଡ୍ୟାମ୍‌ରେ ୮ଟି ପିକ୍‌ନିକ୍ ପିଣ୍ଡି, ୧୦ଟି ପେଡାଲ ବୋଟ, ଯାମରୁଣ୍ଡା ଗାଁ ଛକରେ ସ୍ୱାଗତ ଗେଟ୍ ଓ ଆଇଲାଣ୍ଡର ବିକାଶ, ଆଇଲଣ୍ଡରେ ସେଲ୍ଫି ପଏଣ୍ଟ, ବିଶ୍ରାମ ସ୍ଥଳୀ, ଆଲୋକ, ପାନୀୟ ଜଳ ବ୍ୟବସ୍ଥା, ଡ୍ୟାମ୍ ନିକଟରେ ଥିବା ଶିବମନ୍ଦିର ନବୀକରଣ, ପାର୍କିଂ ବ୍ୟବସ୍ଥା, ଏସ୍‌ଏଚ୍‌ଜିଙ୍କ ପାଇଁ ଭେଣ୍ଡିଂ ଜୋନ୍ ଆଦି ନିର୍ମାଣ ହେବ। ଏଥିସହ ବ୍ଲକ ଓ ଭାସ୍କେଲ ଜଳସେଚନ ବିଭାଗର ଅର୍ଥ ମଧ୍ୟ ବିନିଯୋଗ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହେଇଛି। ଏହି ସମୟରେ ପୂର୍ତ୍ତ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୫–ଟି ସଚିବ ଭି.କେ. ପାଣ୍ଡିଆନ ଉମରକୋଟ ଗସ୍ତ ସମୟରେ ଏହି ୨ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ପୋଡ଼ାଗଡ଼ ପୀଠରେ କିପରି କାମ କରାଯିବ ସେ ନେଇ ଆଲୋଚନା କରାଯାଉଛି।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୧୧।୭ (ସଦାଶିବ ପ୍ରହରାଜ)

୨୦୧୮ରେ ଏକ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ନର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରମାଣ ଅଭାବରୁ ତାଙ୍କୁ ଜିଲାଜଜ୍ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି।

ଘଟଣା ଅନୁଯାୟୀ, ତେନ୍ତୁଳଖୁଣ୍ଟି ଥାନା ଅଧୀନ କହ୍ନେଇମୁଣ୍ଡା ଗ୍ରାମର ଭଗବାନ ମୁଦୁଲିଙ୍କ ସ୍ତ୍ରୀ ୨୦୧୮ ଅକ୍ଟୋବର ୧୦ ରାତି ପ୍ରାୟ ୭ଟାରେ ନିଖୋଜ ହେଇଥିଲେ। ଏହାର ୩ ଦିନ ପରେ ଉକ୍ତ ମହିଳାଙ୍କ ମୃତଦେହ ପଣସପଦର ନାଳ ନିକଟରୁ ମିଳିଥିଲା। ତେନ୍ତୁଳଖୁଣ୍ଟି ପୋଲିସ କେସ ନମ୍ବର ୯୧/୨୦୧୮ରେ ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀ ଭଗବାନ ମୁଦୁଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନବରଙ୍ଗପୁର ଜିଲା ଦୌରା ଜଜ୍‌ଙ୍କ ନିକଟରେ ମାମଲା ବିଚାରଧୀନ ଥିବାବେଳେ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଥିଲା। ପ୍ରମାଣ ଅଭାବରୁ ଭଗବାନଙ୍କୁ ଜିଲାଜଜ୍ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି। ଏହି ମାମଲାରେ ମୁଦଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରି ନାରାୟଣ ବେହେରା, ଆଇନଜୀବୀ ସିମାଞ୍ଚଳ ପାଢ଼ି ଓ ଆଇନଜୀବୀ କିଶୋର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# କାର୍ଯ୍ୟ ଖସଡ଼ା ପ୍ରସ୍ତୁତ, ଲକ୍ଷ୍ୟ ହାସଲ ନେଇ ଆଲୋଚନା

ଡାବୁଗାଁ, ୧୧।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ନୀତି ଆୟୋଗ ବୈଠକ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ନୀତି ଆୟୋଗ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତି ଆୟୋଗ କାର୍ଯ୍ୟକ୍ରମ ସଂଯୋଜକ ଦେବବ୍ରତ ଆଚାର୍ଯ୍ୟ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟି, କୃଷି, ଅର୍ଥନୈତିକ ଓ ସାମାଜିକ ଉନ୍ନତି ଆଦି ବିଷୟରେ ନିର୍ଦ୍ଧାରିତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ। ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବା ଉପରେ ଆଲୋଚନା କରାଯାଇଛି। ଏହି ବୈଠକରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ବିଇଓ ଶିବାଶଙ୍କର ମଣ୍ଡଳ, ଏସ୍‌ବିଆଇ ଡାବୁଗାଁ ଶାଖା ପରିଚାଳକ ନୀତୀଶ ସ୍ୱାଇଁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୀବ କୁମାର ସେଠୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ବିଆର୍‌ସି ରାଜକିଶୋର ଦାସ, ଆଇସିଡିଏସ୍ ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, କୁନ୍‌ମୁନ୍ ସେନାପତି, ରୋଜାଲିନୀ ପ୍ରଧାନ ଓ ସାଇରା ବାନୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ମତ ରଖିଲେ ଅଧିକାରୀ

ଡାବୁଗାଁ, ୧୧।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପିଏମ୍‌ଇଜିପି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜନସୁରକ୍ଷା ଯୋଜନା, ମୋଘର, ପିଏମ୍ କିଷାନ, ଆକାଉଣ୍ଟରେ ଆଧାର ଲିଙ୍କ୍ କରିବା, ଭିନ୍ନକ୍ଷମ ଋଣ, ବଳରାମ ଯୋଜନାରେ ଋଣ, ଏସ୍‌ଏଚ୍‌ଜିଙ୍କୁ ଋଣ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡ଼ା, ଏସ୍‌ବିଆଇ ଡାବୁଗାଁ ଶାଖା ପରିଚାଳକ ନୀତୀଶ ସ୍ୱାଇଁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୀବ କୁମାର ସେଠୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସହକାରୀ ମତ୍ସ୍ୟାଧିକାରୀ ସୁରେନ୍ଦ୍ର କାଣ୍ଡି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ମିଶନ ଶକ୍ତି ବିପିଏ ନବୀନ ଭତ୍ରା, ଲ୍ୟାମ୍ପସ କର୍ମଚାରୀ ବାପି ପଟ୍ଟନାୟକ ଓ ସମସ୍ତ ଗ୍ରାହକ ସେବା କେନ୍ଦ୍ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକକୁ ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ରାସ୍ତା ଖୋଳିବା ପରେ ଠିକ୍ ଭାବେ ହେଉନି ପ୍ୟାକିଂ, କଂକ୍ରିଟ

ତେନ୍ତୁଳିଖୁଣ୍ଟି, ୧୧।୭(ଚିଦାନନ୍ଦ ସାହୁ)


ଫସିଥିବା ହାଇୱାକୁ ଜେସିବି ଲଗାଇ ବାହାର କରାଯାଉଛି।

- ମେଗା ଜଳ ଯୋଗାଣ ପ୍ରକଳ୍ପରେ ପାଇପ୍ ବିଛାଇବାକୁ ଖୋଳାଯାଉଛି ରାସ୍ତା
- ଫସିଲା ରାସ୍ତା କାମରେ ନିୟୋଜିତ ହାଇୱା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାମ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଚାଲିଛି। କାମ ନେଇଥିବା କମ୍ପାନୀ ପାଇପ ବିଛାଇବା ବେଳେ ଅନେକ ରାସ୍ତା ଖୋଳି ନଷ୍ଟ କରୁଛି। ତାହାକୁ ଯାତାୟାତ ଉପଯୋଗୀ ନ କରି ଛାଡ଼ି ଦେଉଛି। ବର୍ତ୍ତମାନ ବର୍ଷାଋତୁ। ଯାତାୟାତ ସମୟରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଗା ଜଳ ଯୋଗାଣ ପ୍ରକଳ୍ପ ଯୋଗୁ ତେନ୍ତୁଳିଖୁଣ୍ଟି ବ୍ଲକର ପୂର୍ତ୍ତ ବିଭାଗ ରାସ୍ତା, ଗ୍ରାମ୍ୟ ଉନ୍ନୟନ ରାସ୍ତା, ପଞ୍ଚାୟତ ଏବଂ ବ୍ଲକ ରାସ୍ତାବସ୍ଥା ଶୋଚନୀୟ। ଯାତାୟାତ କଷ୍ଟଦାୟକ ହୋଇପଡିଛି। ଦିଗିସଲପାରୁ ପଠାଣଗୁଡ଼ା ପର୍ଯ୍ୟନ୍ତ ଲମ୍ବିଥିବା ୩ କି.ମି. ରାସ୍ତା ଖୋଳି ଦେଇଥିବାରୁ ଯାତାୟାତ ଠପ୍ ହୋଇ ରହିଛି। ପୂଜାରିଗୁଡ଼ାରୁ କଣ୍ଟାଗାଁ ରାସ୍ତା ପାର୍ଶ୍ୱରେ ପାଇପ ବିଛାଇ ମାଟି ଠିକ୍ ଭାବେ ପ୍ୟାକିଂ ନ ଥିବାରୁ କାମରେ ଲାଗିଥିବା ହାଇୱା ଗାଡ଼ି ଫସିଯାଇଥିଲା। ଜେସିବି ଉକ୍ତ ଗାଡ଼ିକୁ ଉଦ୍ଧାର କରୁଥିବା ମଙ୍ଗଳବାର ଦେଖିବାକୁ ମିଳିଛି।

ପାଇପ ବିଛାଇବା ନିମନ୍ତେ ଠିକା କମ୍ପାନୀ ରାସ୍ତା ଖୋଳି ନଷ୍ଟ କରୁଛି। ଯଦି ବା ଅଭିଯୋଗ ପରେ ମରାମତି ହେଉଛି ତାହା ବି ନିମ୍ନମାନର। ଫଳରେ ତାହା ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଉଛି। ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଦିଗିସଲପା ଛକରୁ ପଠାଣଗୁଡ଼ା ମୁଖ୍ୟ ଛକ ପର୍ଯ୍ୟନ୍ତ ୩ କି.ମି. ରାସ୍ତାରେ କିଛିଦିନ ପୂର୍ବରୁ ସମ୍ପୃକ୍ତ କମ୍ପାନୀ ରାସ୍ତା ଖୋଳି ପାଇପ ବିଛାଇଥିଲା। ଖୋଳିଥିବା ଗର୍ତ୍ତରେ କଞ୍ଚାମାଟି ଭର୍ତ୍ତିକରି ତା' ଉପରେ କଂକ୍ରିଟ କରାଯାଇଥିଲା। ତେବେ ବର୍ଷା ଯୋଗୁ ଭିତରେ ପକାଯାଇଥିବା ମାଟି ଦବିଯିବା ଯୋଗୁ ଉପର କଂକ୍ରିଟ ମଧ୍ୟ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ଏହି ରାସ୍ତାରେ ଯାତାୟାତ ଠପ୍ ହୋଇପଡିଛି। ବଡ଼ ଗାଡ଼ି ଏହି ରାସ୍ତାରେ ଆଦୌ ଯାଇପାରୁନାହିଁ । ଏମିତି କି ବାଇକ୍ ଆରୋହୀଙ୍କୁ ବହୁ କଷ୍ଟରେ ଜମି ମଧ୍ୟ ଦେଇ ଯିବାକୁ ପଡୁଛି। ଏହି ରାସ୍ତା ଉପରେ ନିର୍ଭର କରି ନବରଙ୍ଗପୁର ସହର ତଥା ଅନ୍ୟ ସ୍ଥାନକୁ ଯାତାୟାତ କରୁଥିବା ଦିଗିସଲପା ଓ ବରାଗାଁ ଗ୍ରାମର ହଜାର ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖୋଳିବା ପୂର୍ବରୁ କୌଣସି ବିଭାଗର ଅନୁମତି ନ ନେଇ ମନଇଚ୍ଛା ରାସ୍ତା ଖୋଳି ପାଇପ ବିଛାଇ ସାମାନ୍ୟ ମାଟି ପକାଇ ଛାଡ଼ି ଦେଉଛି। ଏଣୁ କେତେବେଳେ ଟ୍ରାକ୍ଟର ତ କେତେବେଳେ ପିଡିଏସ୍ ବୋଝେଇ ଟ୍ରକ୍, ହାଇୱା ଓ ଜେସିବି ଫସୁଛି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଦାବି ହୋଇଛି। ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କୁ ପଚାରିବାରୁ ଆମ ପକ୍ଷରୁ କମ୍ପାନୀକୁ ରାସ୍ତା ଖୋଳିଲେ ତୁରନ୍ତ ପ୍ୟାକିଂ ଓ କଂକ୍ରିଟ କରିବାକୁ କହୁଛୁ। କିନ୍ତୁ କମ୍ପାନୀ ଅବହେଳା କରୁଛି। ଆମେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇବା ବ୍ୟତୀତ କିଛି କରିପାରିବୁନାହିଁ। ମଙ୍ଗଳବାର ହାଇୱା ଫସିବା ଘଟଣା ସମ୍ପର୍କରେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହ୍ରାସ ପାଉଥିବା ଦେଶୀ ବିହନ ପୁନରୁଦ୍ଧାର ନେଇ ପ୍ରୟାସ

ଦଶମନ୍ତପୁର,୧୧।୭( ଅରବିନ୍ଦ ନାୟକ ) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ବାଘଚେମା ଗ୍ରାମରେ ମଙ୍ଗଳବାର ବିରିପାଣି ଚାଷୀ ଉତ୍ପାଦକ କମ୍ପାନୀ ଏବଂ ଅଗ୍ରଗାମୀ ପକ୍ଷରୁ ଚାଷୀଙ୍କୁ ଦେଶୀ ଧାନ ବିହନ ବଣ୍ଟନ କରାଯାଇଛି। ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକର ୩ଟି ପଞ୍ଚାୟତ ଡୁମ୍ଭାଗୁଡା, ଦଶମନ୍ତପୁର ଓ ଚଣାବାଡର ୫୦ ଜଣ ଚାଷୀ ଯୋଗ ଦେଇଥିଲେ। ହ୍ରାସ ପାଉଥିବା ଦେଶୀ ବିହନର କିପରି ପୁନରୁଦ୍ଧାର ହୋଇପାରିବ ଏନେଇ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ବିରିପାଣି ଚାଷୀ ଉତ୍ପାଦକ କମ୍ପାନୀ ଏବଂ ଅଗ୍ରଗାମୀର ମିଳିତ ସହଯୋଗରେ ଚଳିତ ଖରିଫ ଚାଷରେ ଜଳବାୟୁ ପରିବର୍ତ୍ତନ ଏବଂ ପାରମ୍ପରିକ ବିହନର ପୁନରୁଦ୍ଧାର ଲାଗି କଳାମଲ୍ଲି, କଳାଜିରା, ଦେଉଳଭୋଗ, ବାଇଗଣ ମଞ୍ଜି, କୁଡେଇଚୁଡ଼ି ଆଦି ୫ କିସମର ଦେଶି ଧାନ ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ୫୦ ଜଣିଆ ଦେଶୀ ବିହନର ଚାଷୀ ସଂଗଠନ ଗଠନ କରି ତାହା ମାଧମରେ ହ୍ରାସ ପାଉଥିବା ଦେଶୀ ବିହନ ଭରଣା ପ୍ରତି ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ଅବଗତ କରାଯାଇଥିଲା।

### ଗୁପ୍ତେଶ୍ୱରଠାରେ ଜଳାଭିଷେକ କର ଆଦାୟ ବନ୍ଦ ଦାବି

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)- କୋରାପୁଟ ଜିଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ ଲାଗି ଆଦାୟ କରାଯାଉଥିବା କର ବନ୍ଦ କରିବାକୁ ଦାବି ହେଉଛି। ଏନେଇ ଉପ ଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଗୁପ୍ତେଶ୍ୱର କେବଳ ଜୟପୁର ଉପଖଣ୍ଡର ନୁହେଁ, ଏହା ସମଗ୍ର ଦକ୍ଷିଣଓଡିଶା ଆନ୍ଧ୍ର ଓ ଛତିଶଗଡ଼ ଅଞ୍ଚଳବାସୀଙ୍କ ଏକ ପ୍ରସିଦ୍ଧ ଶୈବପୀଠ। ଏଠାକୁ ବର୍ଷସାରା ଶ୍ରଦ୍ଧାଳୁମାନେ ଆସିଥାନ୍ତି। ଶ୍ରାବଣମାସରେ ଉକ୍ତ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସେମାନେ ନଦୀରେ ସ୍ନାନ କରି ପାଣିଭାର ଧରି ଏଠାକୁ ଚାଲିଚାଲି ଆସି ମହାଦେବଙ୍କ ଦର୍ଶନ ଓ ଜଳାଭିଷେକ କରନ୍ତି। ଜଳଭିଷେକ ସମୟରେ ସେମାନଙ୍କଠାରୁ ୧୦ ଟଙ୍କା କର ଆଦାୟ କରାଯାଇଥାଏ। ଏପରି କର ଆଦାୟକୁ ଅଞ୍ଚଳବାସୀ ନିନ୍ଦା କରି ତୁରନ୍ତ ଏହାକୁ ବନ୍ଦ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗଙ୍ଗାଧର ନନ୍ଦ, ଲଳିତ ଅଗ୍ରୱାଲ, ମିନକେତନ ଦାସ, ମଦନ ମୋହନ ନାୟକ, ସୁରେନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ଜିଲାପାଳ, ଦେବୋତ୍ତର କମିଶନରଙ୍କୁ ମଧ ପ୍ରଦାନ କରାଯାଇଛି।

### ଡ୍ରେନେଜ ସିଷ୍ଟମ ଡିପିଆର୍ ସର୍ଭେର ଶୁଭାରମ୍ଭ

ଗୁଡ଼ାରି, ୧୧।୭(ପ୍ରମୋଦ କୁମାର ପତି) ଗୁଡ଼ାରି ଏନ୍ଏସି ପକ୍ଷରୁ ସହରର ଗାନ୍ଧୀ ଛକଠାରେ ମଙ୍ଗଳବାର ଡ୍ରେନଜ ସିଷ୍ଟମ ଡିପିଆର୍ ସର୍ଭେ କାର୍ଯ୍ୟର ଶୁଭାରମ୍ଭ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ପରିଷଦ ଅଧକ୍ଷା ସରିମିତା ଶବରଙ୍କ ଉପସ୍ଥିତରେ ସର୍ଭେ କାମ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ସୁଭଦ୍ରା କନସଲଟାନ୍ସି ସହଯୋଗରେ ସର୍ଭେ ଟିମ୍ ଡିପିଆର୍ ସର୍ଭେ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଉପାଧକ୍ଷ ବି ଯୋଗେଶର ରାଓ, କନିଷ୍ଠ ଯନ୍ତ୍ରୀ ବିପିନ ବିହାରୀ ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଏମ୍. ପ୍ରସାଦ ରାଓ, ପରିଷଦର କର୍ମଚାରୀ, ୱାର୍ଡ ସଭ୍ୟସଭ୍ୟା, ୱାର୍ଡ ଅଫିସରମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ପରିସ୍ଥିତିରେ ସାମାନ୍ୟ ବର୍ଷାରେ ସହରର ସ୍ଥିତି ବେହାଲ ହୋଇପଡୁଛି। ତେବେ ଗୁଡ଼ାରୀ ଡ୍ରେନେଜ ମାନଚିତ୍ର ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ, ଡ୍ରେନେଜ୍ ବ୍ୟବସ୍ଥା ହେଲେ ସହରରେ ବର୍ଷାଜଳ ବାହାରକୁ ନିଷ୍କାସନ ହୋଇଯିବ ଆଉ କୌଣସି ଅସୁବିଧା ରହିବ ନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ପରିବାର ନିୟୋଜନରେ ଧାର୍ଯ୍ୟ ଲକ୍ଷ୍ୟରୁ ଦୂରରେ କୋରାପୁଟ

କୋରାପୁଟ,୧୧।୭(ଅମିତାଭ ବେହେରା)


ଅତିଥିମାନେ ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କିତ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ବିଶ୍ୱ ଜନସଂଖ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଛି। ପରିବାର ନିୟୋଜନରେ କୋରାପୁଟ ଜିଲା ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ଦୂରରେ ଥିବା ଜଣାପଡିଛି । ୨୦୨୨-୨୩ରେ କୋରାପୁଟ ଜିଲା ପାଇଁ ପୁରୁଷ ବନ୍ଧ୍ୟାକରଣ ନେଇ ଧାର୍ଯ୍ୟ ଲକ୍ଷ୍ୟ ୮୨୨ ଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୫୭ ଜଣଙ୍କ ବନ୍ଧ୍ୟାକରଣ କରାଯାଇଛି । ଏଥିରେ ମାତ୍ର ୪୩ ପ୍ରତିଶତ ସଫଳତା ମିଳିଛି । ସେହିପରି ମହିଳା ବନ୍ଧ୍ୟାକରଣ କ୍ଷେତ୍ରରେ ମଧ ଜିଲା ପଛରେ ରହିଛି। ମହିଳାଙ୍କ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ୫ ହଜାର ୭୫୯ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩ ହଜାର ୭୩୪ ଜଣଙ୍କୁ ବନ୍ଧ୍ୟାକରଣ କରାଯାଇଛି । ଏକ୍ଷେତ୍ରରେ ୬୫ ପ୍ରତିଶତ ସଫଳତା ମିଳିଛି। ତେବେ କର୍ପଟି ବ୍ୟବହାର କ୍ଷେତ୍ରରେ ଜିଲାକୁ ସଫଳତା ମିଳିଛି। ଏଥିପାଇଁ ଧାର୍ଯ୍ୟ ଲକ୍ଷ୍ୟ ୮ହଜାର ୨୧୭ ରହିଥିବାବେଳେ ଏଯାବତ୍ ୮ ହଜାର ୭୧୪ ଜଣ କର୍ପଟି ବ୍ୟବହାର କରିଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି।

ସେହିପରି ପରିବାର ନିୟୋଜନ କ୍ଷେତ୍ରରେ କଣ୍ଡମ ବ୍ୟବହାର ନେଇ ଧାର୍ଯ୍ୟ ଲକ୍ଷ୍ୟ ୧୨ ହଜାର ୬୩୦ ରହିଥିବାବେଳେ ଏଯାବତ୍ ଏଥିରେ ୪୨ ପ୍ରତିଶତ ସଫଳତା ମିଳିଛି। ସେହିପରି ଏହି ଆର୍ଥିକ ବର୍ଷରେ ବିଭିନ୍ନ ଗର୍ଭ ନିରୋଧକ ବଟିକା ବ୍ୟବହାର ଲକ୍ଷ୍ୟ ଧାର୍ଯ୍ୟ ୭ ହଜାର ୪୩୦ ଥିବାବେଳେ ୭ ହଜାର ୯୬୦ ଜଣ ଏହାକୁ ବ୍ୟବହାର କରିଛନ୍ତି। ଫଳରେ ଏ କ୍ଷେତ୍ରରେ ୧୦୭ ପ୍ରତିଶତ ସଫଳତା ମିଳିଛି। ଅନ୍ୟପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ ପରିବାର ନିୟୋଜନ କ୍ଷେତ୍ରରେ କୋରାପୁଟ ଜିଲା ଉଭୟ ପୁରୁଷ ଓ ମହିଳା ବନ୍ଧ୍ୟାକରଣ କ୍ଷେତ୍ରରେ ସଫଳତା ହାସଲ କରି ରାଜ୍ୟର ପ୍ରଥମ ଜିଲା ଭାବେ ପୁରସ୍କୃତ ହୋଇଥିଲା ବୋଲି ଜିଲା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନୀଳ ମାଧାବ ଶତପଥୀ କହିଛନ୍ତି।

ମଙ୍ଗଳବାର ବିଶ୍ୱ ଜନସଂଖ୍ୟା ଦିବସ ପାଳନ କାର୍ଯ୍ୟକ୍ରମରେ ଏଡିପିଏଚଓ ଡାକ୍ତର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସଚେତନତା ରଥର

### ବିଶ୍ୱ ଜନସଂଖ୍ୟା ଦିବସ

ଶୁଭାରମ୍ଭ କରିଥିଲେ । ଏହି ରଥ ଆସନ୍ତା ୨୫ ତାରିଖ ଯାଏ ଜିଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳ ପରିକ୍ରମା କରି ଲୋକଙ୍କୁ ପରିବାର ନିୟୋଜନ ନେଇ ସଚେତନତା କରିବ ବୋଲି ଶତପଥୀ କହିଥିଲେ। ଏହି ଅବସରରେ ଏକ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉପସ୍ଥିତ ଡାକ୍ତର, ବୁଦ୍ଧିଜୀବୀ କର୍ମଚାରୀମାନେ ଦସ୍ତଖତ କରି ପରିବାର ନିୟୋଜନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ।

ପରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଡାକ୍ତର ଶତପଥୀ ପରିବାର ନିୟନ୍ତ୍ରଣ ପାଇଁ ରହିଥିବା ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଶୁଭକାନ୍ତ ଗନ୍ତାୟତ କାର୍ଯ୍ୟକ୍ରମ ପରିଚାଳନା କରିଡାକ୍ତର ଶତପଥୀ ଜନସଂଖ୍ୟା ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜନସଂଖ୍ୟା ଦିବସ ନେଇ ଏକ ସଚେତନତା ପୋଷ୍ଟର ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ଲେପ୍ରୋସି ଓ ଯକ୍ଷ୍ମା ବିଭାଗର ଡାକ୍ତର ପ୍ରଶାନ୍ତ ସାମଲ, ବିଭାଗୀୟ ଅଧିକାରୀ ନିଲାଞ୍ଚଳ ପଟ୍ଟନାୟକ, ଡିଏମଆର ସିଏଚ କିଶୋର ଚନ୍ଦ୍ର ସାହୁ , ଇପିଡେମିଲୋଜିଷ୍ଟ ସୁନିତା ପଟ୍ଟନାୟକ ଉପସ୍ଥିତ ରହି ପରିବାର ନିୟୋଜନ କ୍ଷେତ୍ରରେ ସରକାରଙ୍କ ରହିଥିବା ବିଭିନ୍ନ ସୁବିଧା ଉପରେ ମତ ରଖିଥିଲେ। ଏଡିପିଏଚସିଓ ଶୁଭନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ।

# ଆଜି ରାଇପାହାଡ଼ରେ ସୀମା ଚିହ୍ନଟ

ନନ୍ଦପୁର, ୧୧।୭(ଶଙ୍କର ପୂଜାରୀ)

### ଉପସ୍ଥିତ ରହିବେ ଉଭୟ ରାଜ୍ୟର ଅଧିକାରୀ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ବୁଧବାର ୨ ରାଜ୍ୟ ଆନ୍ଧ୍ର ଓ ଓଡ଼ିଶାର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସୀମା ଚିହ୍ନଟ ହେବ। ଓଡ଼ିଶା ପକ୍ଷରୁ କୋରାପୁଟ ଉପଜିଲାପାଳ ବେଣୁଧର ଶବର ପ୍ରତିନିଧି ରୂପେ ରହିବେ। ଆନ୍ଧ୍ର ତରଫରୁ ପାଡେର ଉପଜିଲାପାଳ ଉପସ୍ଥିତ ରହି ସୀମା ଚିହ୍ନଟ କରିବେ ବୋଲି ସୂଚନା ମିଳିଛି।

ଖବରରୁ ଜଣାପଡିଛି, ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ଆନ୍ଧ୍ରର ଅନୁପ୍ରବେଶ, କେନ୍ଦ୍ରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମ୍ପର୍କିତ ଖବର ଗଣମାଧମରେ ପ୍ରକାଶ ପରେ କୋରାପୁଟ ଜିଲାପାଳ ଏନେଇ ଆନ୍ଧ୍ର ଆଲୁରୁ ସିଥାରମନ ଜିଲାର ଜିଲାପାଳଙ୍କୁ ପତ୍ର ଲେଖି ୨ ରାଜ୍ୟର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସୀମା ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ଏହା ବୁଧବାର କାର୍ଯ୍ୟକାରୀ ହେବ। କୋରାପୁଟ ଉପଜିଲାପାଳ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ତାଙ୍କ ସହ ନନ୍ଦପୁର ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର ଓ ବ୍ଲକ, ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକର କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଓ ପାଡୁଆ ପୋଲିସ ଉପସ୍ଥିତ ରହିବେ। ସେହିଭଳି ଆନ୍ଧ୍ର ପକ୍ଷରୁ ପାଡେର ଉପଜିଲାପାଳ, ଡୁମ୍ବୁରିଗୁଡା ଏମ୍‌ଆରଓ (ତହସିଲଦାର) ପ୍ରୋଜେକ୍ଟ ଡାଇରେକ୍ଟର (ବିଡିଓ)ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ତହସିଲଦାର ଗାଦବା କହିଛନ୍ତି।

# ଧୂସର ଜଳ ପରିଚାଳନା ସମ୍ପର୍କିତ ତାଲିମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ତାଲିମାର୍ଥୀ ।

କୋରାପୁଟ,୧୧।୭(ଅମିତାଭ ବେହେରା)

### କୋରାପୁଟ ମ୍ୟୁନିସିପାଲିଟି

କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ମଙ୍ଗଳବାର ଧୂସର ଜଳ ପରିଚାଳନା ସମ୍ପର୍କିତ ଏକ ତାଲିମ ଶିବିର ସ୍ଥାନୀୟ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଥିବା ୧୧୪ ପୌରାଞ୍ଚଳରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦ଟି ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏଥିରେ କୋରାପୁଟ ମ୍ୟୁନିସିପାଲିଟି ସ୍ଥାନ ପାଇଛି। ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧକ୍ଷା ସବିତା ପଣ୍ଡା ଯୋଗଦେଇ ଏହି ଯୋଜନା କିପରି କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ସଫଳତାର ସହ ପରିଚାଳନା କରାଯାଇପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ସହରାଞ୍ଚଳରେ ଜଳସ୍ତର ବୃଦ୍ଧିପାଇବ ବୋଲି ପୌରାଧକ୍ଷ ଓ ଉପାଧକ୍ଷ ପ୍ରକାଶ କରିଥିଲେ । କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଏହି ଜଳ ପରିଚାଳନା ନେଇ କିପରି ସର୍ଭେ କରାଯିବ , ଧୂସର ଜଳ ପରିଚାଳନା କିପରି କରାଯିବ ସେନେଇ ବୁଝାଇଥିଲେ। ଏହି ଅବସରରେ ପ୍ରତ୍ୟେକ ୱାର୍ଡର କାଉନସିଲର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ସହରାଞ୍ଚଳରେ ପ୍ରତି ଘରେ ବାସନକୁସନ ମଜା, ଲୁଗା ଧୋଇବା ଓ ଗାଧୋଇବାରେ ବ୍ୟବହାର ହେଉଥିବା ଜଳକୁ ସଂଗୃହୀତ କରି ଏହାର ସଠିକ ପରିଚାଳନା କରାଗଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବ। ସେହି ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ ହୋଇଥିବା ଜଣାଯାଇଛି।

# ଟାସ୍କଫୋର୍ସ କମିଟି ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ପରିଦର୍ଶନ କରିବ: ସିଡିଏମଓ

### ଜିଲାରେ ଅଲଟ୍ରା ସାଉଣ୍ଡ ମେଶିନ ଚାଲିବା ନେଇ ବୈଠକ

କୋରାପୁଟ,୧୧।୭(ଅମିତାଭ ବେହେରା)


ବୈଠକରେ ଆଲୋଚନା କରାଯାଉଛି ।

କୋରାପୁଟ ଜିଲାରେ କିପରି ପିସି ଆଣ୍ଡ ପିଏନ୍‌ଡିଟି ନିୟମ ଅନୁସାରେ ଅଲ୍ଟ୍ରାସାଉଣ୍ଡ ମେଶିନ ଚାଲିବ ସେନେଇ ମଙ୍ଗଳବାର ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଅବଦୁଲ ଏମ୍. ଅଖତାରଙ୍କ କନଫରେନ୍ସ ହଲ୍‌ରେ ହୋଇଥିବା ଏହି ବୈଠକରେ ଡିଏସ୍‌ପି ସଞ୍ଜୟ ମଣ୍ଡଳ, ସିଡିଏମଓ ଡାକ୍ତର ଅରୁଣ ପାଢ଼ୀ ଯୋଗଦେଇ ଲିଙ୍ଗ ନିରୂପଣ ଏକ ଅପରାଧ। ଯଦି କେହି ଏହା କରୁଥିବେ ତେବେ ଧରାପଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କୋରାପୁଟ ଜିଲାରେ ଏବେ ୧୪ଟି ଅଲ୍ଟ୍ରାସାଉଣ୍ଡ ୟୁନିଟ୍ କାମ କରୁଛି। ଲୋକଙ୍କ ସୁବିଧା ପାଇଁ ବୋରିଗୁମ୍ମା, ଲକ୍ଷ୍ମୀପୁରରେ ଅଲ୍ଟ୍ରାସାଉଣ୍ଡ ଟେଷ୍ଟ ଆଗାମୀ ଦିନରେ ଆରମ୍ଭ ହେବ। ବିଶେଷଜ୍ଞ ଡାକ୍ତର ଏହି ଅଲ୍ଟ୍ରାସାଉଣ୍ଡରେ ପରୀକ୍ଷା କରିବେ। ଏହା ଦ୍ୱାରା ଜିଲାର ବନ୍ଧୁଗାଁ, ନାରାୟଣପାଟଣା ଦଶମନ୍ତପୁର, କୋଟପଡ଼ ବ୍ଲକର ଲୋକମାନେ ଉପକୃତ ହୋଇପାରିବେ ବୋଲି ସିଡିଏମଓ ପାଢୀ କହିଥିଲେ। ଖୁବ୍‌ଶୀଘ୍ର ନନ୍ଦପୁର, ମାଥାଲପୁଟ, କୋଟପଡ଼ ଏବଂ ବୈପାରିଗୁଡାଠାରେ ଅଲ୍ଟ୍ରାସାଉଣ୍ଡ ମେଶିନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ସୁରକ୍ଷିତ ମାତୃତ୍ୱ ଉପରେ ଗୁରୁତ୍ୱ ଦେଇ ପିଏମ୍‌ଏସ୍‌ଏମ୍‌ଏ ପ୍ରୋଗ୍ରାମ ଦ୍ୱାରା ଜିଲାରେ ଥିବା ସମସ୍ତ ବେସରକାରୀ ଅଲ୍ଟ୍ରାସାଉଣ୍ଡ ସେଣ୍ଟରରେ ମାଗଣାରେ ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ହେବ। ପିସି ଆଣ୍ଡ ପିଏନଡିଟି ଏକ ଟାସ୍କଫୋର୍ସ କମିଟି ଦ୍ୱାରା ଜିଲାରେ ଥିବା ସମସ୍ତ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ପରିଦର୍ଶନ ପାଇଁ ଯୋଜନା ହୋଇଥିବା ସେ କହିଥିଲେ। କମିଟି ପରିଦର୍ଶନ ବେଳେ ଯଦି କେହି ଲିଙ୍ଗ ନିରୂପଣ କରୁଥିବା ଧରାପଡନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ କହିଥିଲେ। ଜୟପୁର ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଐଶ୍ୱର୍ଯ୍ୟ ପୃଷ୍ଟି, ଶିଶୁରୋଗ ବିଶେଷଜ୍ଞ ଅଶୋକ ମଲିକ ଏବଂ ଶହୀଦ ଲକ୍ଷଣ ନାୟକ ମେଡ଼ିକାଲ କଲେଜର ଡାକ୍ତର ରାଧା ପାଣିଗ୍ରାହୀ, ଏପିପି ଓକିଲ ପି.କେ. ପାଢୀ, ଜିଲା ସୂଚନା ଅଧିକାରୀ ସ୍ୱରାଜ ଶିସା, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ଏସଆଇ ବାଳକୃଷ୍ଣ ମଣ୍ଡଳ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ମ୍ୟାନେଜର ସଙ୍ଗୀତା ସାମଲ, ରୂପସୀ ମଧୁମିତା ନାୟକ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ସୂର୍ଯ୍ୟ ମହାପାତ୍ର ଉପସ୍ଥିତ ଥିଲେ।

### ପଲକାପୁଟରେ ଅବକାରୀ ଚଢ଼ାଉ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରିଏହାକୁ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ କର୍ମଚାରୀ ପଲକାପୁଟରେ ଚଢାଉ କରିଥିଲା। ଏନେଇ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଅବକାରୀ କର୍ମଚାରୀମାନେ ମଦ ଭାଟି ଭାଙ୍ଗି ୮ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ଫେରିଥିବା ଅବକାରୀ ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

### ଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)

ଚୋରାରେ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେ ହେଲେ କୁମ୍ଭାରପୁଟର ସୁବାସ ହରିଜନ (୪୦)। ସୁବାସ ଦେଶୀ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ କୁମ୍ଭାରପୁଟ ଗ୍ରାମ ରାସ୍ତାରୁ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଥିବା ବିଭାଗୀୟ କର୍ମଚାରୀମାନେ କହିଛନ୍ତି।

# ପମ୍ପହାଉସ ମୋଟର ଅଚଳ, ପାନୀୟ ଜଳ ସଙ୍କଟ

ବିଷମକଟକ, ୧୧।୭(ବିଭୂତି ଭୂଷଣ ନାୟକ)

- ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା
- ପମ୍ପ ହାଉସରେ ନାହିଁ ସ୍ପେୟାର ମୋଟର

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ଦୁକୁମ ରୋଡ଼ ଓ ପୂର୍ତ୍ତ ବିଭାଗଠାରେ ଥିବା ପମ୍ପ ହାଉସର ମୋଟର ଅଚଳ ହୋଇପଡ଼ିଥିବାରୁ ଶ୍ରାବଣ ମାସରେ ଲୋକେ ପିଇବା ପାଣି ଟୋପାଏ ପାଇଁ ଉହଲବିକଳ ହେଉଥିବା ଦେଖିବାକୁ ମିଳୁଛି। ତେବେ ସବୁ ପମ୍ପହାଉସରେ ଏକ ସ୍ପେୟାର ମୋଟର ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଆର.ଡବ୍ଲୁ.ଏସ.ଏସର ବିଭାଗୀୟ ଅଧିକାରୀମାନେ ମାନୁ ନ ଥିବା ଅଭିଯୋଗ ହେଉଛି। ପମ୍ପହାଉସରେ ଏକ ସ୍ପେୟାର ମୋଟର ଥିଲେ ପାନୀୟ ଜଳ ସମସ୍ୟା ଉପୁଜି ନ ଥାନ୍ତା ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

ପ୍ରକାଶ ଥାଉକି, ସ୍ଥାନୀୟ ସରପଞ୍ଚ ନମିତା କୁଲୁସିକା ବିଷମକଟକ ପଞ୍ଚାୟତରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ନେଇ ଗତବର୍ଷ ଜୁଲାଇ ୮ ତାରିଖରେ ଜିଲାପାଳ ସ୍ୱାଧାଦେବ ସିଂ ସହ ଭେଟିଥିଲେ। ସେହିବର୍ଷ ଜୁଲାଇ ୧୦ତାରିଖରେ ଆର.ଡବ୍ଲୁ.ଏସ.ଏସ ଅଧିକ୍ଷକ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନାଙ୍କୁ ବିଷମକଟକ ଗସ୍ତ କରି ସମସ୍ୟାର ରିପୋର୍ଟ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ତେବେ ଅଧିକ୍ଷକ ଯନ୍ତ୍ରୀ ଗ୍ରାଉଣ୍ଡ ଭିଜିଟ ବେଳେ କୌଣସି ପମ୍ପ ହାଉସର ସ୍ପେୟାର ମୋଟର ନ ଥିବାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଜାଣିବାକୁ ପାଇଥିଲେ। ତେବେ ଅଧିକ୍ଷକ ଜଣକ ସମସ୍ତ ପମ୍ପ ହାଉସ ପାଇଁ ଯଥାଶୀଘ୍ର ସ୍ପେୟାର ମୋଟର ଆଣିବାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀ ରାଜକିଶୋର ଜାନି, ରାଜେନ୍ଦ୍ର ପାତ୍ର ଏବଂ ରାଜଶ୍ରୀ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜକୁ ୧ ବର୍ଷ ବିତିଯାଇଥିଲେ ମଧ କୌଣସି ଗୋଟିଏ ମଧ ପମ୍ପ ହାଉସ ପାଇଁ ସ୍ପେୟାର ମୋଟର ବ୍ୟବସ୍ଥା କରାଯାଇପାରି ନାହିଁ। ସେହିପରି ବିଷମକଟକଠାରେ ପାନୀୟ ଜଳ ସମସ୍ୟା ଦୂର ଲାଗି ଜରୁରୀ ବ୍ୟବସ୍ଥା ପାଇଁ ପ୍ଲାନ ଓ ଏଷ୍ଟିମେଟର ଏକ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀ ଅବମାନନା କରିଥିବା ଜଣାପଡିଛି । ପାନୀୟ ଜଳ ସମସ୍ୟା ପାଇଁ ଚଳିତ ବର୍ଷ ବିଷମକଟକ ପଞ୍ଚାୟତ ତରଫରୁ ଅଦ୍ୟାବଧି ୧୬୧ ଲୋଡ଼ ପାଣି ଟ୍ୟାଙ୍କର ଯୋଗେ ବିଷମକଟକର ଭିନ୍ନ ଭିନ୍ନ ଅଞ୍ଚଳକୁ ଯୋଗେଇ ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରାଜଶ୍ରୀ ପାତ୍ରଙ୍କୁ ପଚାରିବାରୁ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ପମ୍ପହାଉସରେ ସ୍ପେୟାର ମୋଟର ଉପଲବ୍ଧ ନ କରାଯିବା ପ୍ରଶ୍ନର କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ । ଅନ୍ୟପକ୍ଷରେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ରିପୋର୍ଟ ନେଇ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବିଭାଗୀୟ ଅଧିକାରୀ ଜାଣିଶୁଣି ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ଆଦିବାସୀ ନେତା ନୀଳ ମାଧବ ହିକକା ଅଭିଯୋଗ କରିଛନ୍ତି।

# ପଥର ହଟିଲା, ସ୍ୱାଭାବିକ ହେଲା ରେଳ ଚଳାଚଳ


ଅଧିକାରୀମାନଙ୍କ ଉପସ୍ଥିତିରେ ଜେସିବି ଦ୍ୱାରା ରେଳଧାରଣାରୁ ପଥର ହଟାଯାଉଛି ।

ନନ୍ଦପୁର, ୧୧।୭(ଶଙ୍କର ପୂଜାରୀ)

କୋଟଭାଲସା ଓ ବରା ଷ୍ଟେଶନ ମଧଭାଗରେ ପାହାଡ ଉପରୁ ସୋମବାର ଏକ ବଡ଼ ପଥର ଖସି ରେଳ ଧାରଣାରେ ପଡ଼ିଥିଲା। ଫଳରେ ସୋମବାର ସନ୍ଧ୍ୟାରୁ ବିଶାଖାପାଟଣା-କିରାଣ୍ଡୁଲ ରେଳ ଧାରଣାରେ ରେଳ ଚଳାଚଳ ବନ୍ଦ ରହିଥିଲା। ଏହି ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଟ୍ରେନ୍‌ର ଗତିପଥ ବଦଳାଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ପଥର ହଟାଇବା ପରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି। ଏହି କାର୍ଯ୍ୟକୁ ୱାଲ୍‌ଟିୟର ଡିଭିଜନର ଡିଆର୍‌ଏମ୍ ଅନୁପ ଶତପଥୀ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦାରଖ କରୁଥିଲେ। କାର୍ଯ୍ୟ ଶେଷ ହେବା ପରେ ମଙ୍ଗଳବାର ମଧାହ୍ନ ୧୨ରୁ ଉକ୍ତ ରୁଟ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି।

# ନିଜସ୍ୱ ଜାଗାରେ ଉନ୍ନତି କରିବାକୁ ପରାମର୍ଶ ଦେଲେ ବିଧାୟକ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)

### ୫-ଟି ହାଇସ୍କୁଲ ରୁପାନ୍ତରଣ କାର୍ଯ୍ୟକ୍ରମ ନେଇ ବୈଠକ

ଜୟପୁର ବ୍ଲକ ଅନ୍ତର୍ଗତ କାଳିଗାଁସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟିକୁ ରୁପାନ୍ତରୀକରଣ ହୋଇଛି। ଏନେଇ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଛ। ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଳିଆଁ ଉଚ୍ଚ ବିଦ୍ୟାଳୟର ନିଜସ୍ୱ ଜାଗା ରହିଛି। ସେହି ଠାରେ ନୂତନ କୋଠା, ଖେଳ ପଡିଆ ଡାଇନିଂ ହଲ, ଶୌଚାଳୟ, ସ୍ମାର୍ଟ କ୍ଲାସ ରୁମ, ଲ୍ୟାବ, ପାନୀୟ ଜଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। କ୍ୱାଲିଟି ଓ କ୍ୱାଣ୍ଟିଟି ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ବାହିନୀପତି ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲ, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ପରିଷଦ ସଭ୍ୟ ତପତ୍ତି ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ପଣ୍ଡାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି, ପୁରୁଣା ଛାତ୍ରମାନେ ଉପସ୍ଥିତ ଥିଲେ।

ସେହିପରି ଜୟପୁର ବ୍ଲକ ଅନ୍ତର୍ଗତ ବାମୁଣିପୁଟ ସରକାରୀ (ଏସଏସଡି) ହାଇସ୍କୁଲ ୫-ଟିକୁ ରୁପାନ୍ତରୀକରଣ ହୋଇଛି । ଏନେଇ ମଙ୍ଗଳବାର ବାମୁଣିପୁଟ ହାଇସ୍କୁଲ ପରିସରରେ ଏକ ବୈଠକ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାମୁଣିପୁଟ ଉଚ୍ଚ ବିଦ୍ୟାଳୟର ପୁରୁଣା କୋଠାକୁ ନବୀକରଣ କରିବା, ଉନ୍ନତ ଧରଣର ଖେଳ ପଡିଆ, ଓପନ ଅଡିଟରିୟମ, ସ୍ମାର୍ଟ କ୍ଲାସ ରୁମ, ଡାଇନିଂ ହଲ ଓ କିଚେନ ଆଦି କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ପରିଷଦ ସଭ୍ୟ ଅସ୍ଥା ନାୟକ, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦାରିଦ୍ର୍ୟମୁକ୍ତ ପଞ୍ଚାୟତ ଗଠନ ନେଇ ପ୍ରଶିକ୍ଷଣ

ନନ୍ଦପୁର, ୧୧।୭ (ଶଙ୍କର ପୂଜାରୀ)


ତାଲିମ କାର୍ଯ୍ୟରେ ଅଂଶଗ୍ରହଣ କରିଥିବା ଲୋକ ପ୍ରତିନିଧି ଓ ଅନ୍ୟମାନେ।

ନିର୍ବାଚିତ ଲୋକ ପ୍ରତିନିଧିମାନେ କିପରି ନିଜ ପଞ୍ଚାୟତର ସ୍ଥାୟୀ ସମ୍ପତି ବୃଦ୍ଧି କରିବେ, ଲୋକଙ୍କୁ କିଭଳି ଉନ୍ନତ ଜୀବିକା ପ୍ରଦାନ ଲାଗି ଯୋଜନା କରିବେ, ନିଜ ପଞ୍ଚାୟତକୁ ଏକ ଦାରିଦ୍ର୍ୟମୁକ୍ତ ପଞ୍ଚାୟତ ରୂପେ ଗଢି ତୋଳବେ ସେନେଇ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧି ପଞ୍ଚାୟତର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେବେ। ମଙ୍ଗଳବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ୪ ଦିନିଆ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଅତଣ୍ଡା, ବିଲାପୁଟ, ବାଡେଲ, ବାଲଡା, ଭେଜା, ଚାଟୁଆ ପଞ୍ଚାୟତର ସରପଞ୍ଚ, ୱାର୍ଡସଭ୍ୟ, ଜିଆରଏସ, ଏମବିକେ, ସିଆରପିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ରୂପେ ଏପିଡି ହିମାଂଶୁ ଶତପଥୀ, ଜିଲା ପିଏଏସଏ ସଂଯୋଜକ ପ୍ରଶାନ୍ତ ପଟ୍ଟନାୟକ, ବିଡିଓ ସୁଜିତ ମିଶ୍ର, ଜିପିଇଓ ବେଦାନ୍ତ ମାଝୀ, ବ୍ଲକ ବିଏଲସି ବିକ୍ରମ କେଶରୀ ବାରିକ, ଏପିଓ ଚିନ୍ତାମଣି ତାଣ୍ଡି, ବ୍ଲକ ସିପି ବିଷ୍ଣୁଚରଣ ସାଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ ଲୋକ ପ୍ରତିନିଧି ଓ ପଞ୍ଚାୟତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିର ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୪ପର୍ଯ୍ୟାୟରେ ୨୩ ପଞ୍ଚାୟତର ଲୋକ ପ୍ରତିନିଧିଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଡିଓ ଦାସ କହିଛନ୍ତି।

## ସଂକ୍ଷେପରେ

### ମାଲକାନଗିରି ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



ମାଲକାନଗିରି,୧୧।୭ (ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ବ୍ଲକରେ ନୂତନ ବିଡିଓ ଭାବେ ପ୍ରଭାତି ଝଡିଆ ସୋମବାର ଯୋଗ ଦେଇଛନ୍ତି। ଝଡିଆ ପୂର୍ବରୁ ରାୟଗଡା ଜିଲା ରାମନାଗୁଡା ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ନୂତନ ବିଡିଓ ଝଡିଆଙ୍କୁ ବ୍ଲକର ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ।

### ବିଦ୍ୟାଳୟ ପରିସରରେ ନାଗସାପ



କୋରୁକୋଣ୍ଡା ୧୧।୭(ଅବିନାଶ ବେହେରା) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ମଙ୍ଗଳବାର ଏକ ନାଗସାପ ଉଦ୍ଧାର ହୋଇଛି। ଏହାର ଲମ୍ବ ୬ଫୁଟ ବୋଲି ଜଣାପଡିଛି। ଅପରାହ୍ନରେ ଖେଳଛୁଟି ସମୟରେ ଛାତ୍ରୀଛାତ୍ରମାନେ ପଡ଼ିଆରେ ଖେଳୁଥିବା ବେଳେ ବିଦ୍ୟାଳୟ ପାଚେରିରେ ନାଗସାପଟିକୁ ଦେଖିବାକୁ ପାଇଥିଲେ। ତୁରନ୍ତ ଏନେଇ ସେମାନେ ଶିକ୍ଷକ କରୁଣାକର ମଲିକଙ୍କୁ ଜଣାଇଥିଲେ। ମଲିକ ନାଗସାପଟିକୁ ନ ମାରିବା ପାଇଁ ପିଲାଙ୍କୁ ପରାମର୍ଶ ଦେଇ ଜଗି ରହିଥିଲେ। ଏ ସମ୍ପର୍କରେ ସେ ମାଲକାନଗିରି ସ୍ନେକ୍ ହେଲ୍ପ ଲାଇନକୁ ଜଣାଇଥିଲେ। ସୂଚନା ପାଇ ହେଲ୍ପ ଲାଇନର ଶରତ ମାଝୀ ଓ ହିମାଂଶୁ ଶେଖର ନାୟକ ବିଦ୍ୟାଳୟରେ ପହଞ୍ଚି ନାଗସାପକୁ ଉଦ୍ଧାର କରି ନେଇ ଜଙ୍ଗଲରେ ଛାଡିଥିଲେ। ଅନ୍ୟପକ୍ଷରେ ସାପଟିକୁ ଦେଖି ଛାତ୍ରୀଛାତ୍ରମାନେ ଅନେକ ସମୟ ଧରି ଭୟଭୀତ ହୋଇପଡିଥିବା ଦେଖିବାକୁ ମିଳିଥିଲା।

### ବାଇକ୍ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ

ମାଲକାନଗିରି,୧୧।୭ (ଦୁର୍ଯ୍ୟୋଧନ ପାତ୍ର)/ ପଡ଼ିଆ, (ଭାସ୍କର ରାଓ)-ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମ୍‌ପିଭି-୫୧ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ୨ଜଣ ଗୁରୁତର ହୋଇଛନ୍ତି। କାଲିମେଲା ଥାନା ଗିରିକାନପାଲ୍ଲି ଗ୍ରାମର ମୂଲିଆ କୁରାମିଙ୍କ ପୁଅ ଭୀମା (୧୬)ଙ୍କ ସହ ସେହି ଗ୍ରାମର ବଜା ମାଡି ଓ ସନ୍ଦୀପ ମାଡି ଏକ ବାଇକ୍ ଯୋଗେ କାଲିମେଲା ଅଭିମୁଖେ ଆସୁଥିଲେ। ଏହି ସମୟରେ ଏମ୍‌ପିଭି- ୫୧ ଗ୍ରାମ ନିକଟରେ ସେମାନେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ସେମାନଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଭୀମାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାଲିମେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି।

# ଟେଣ୍ଡରରେ ସୀମିତ ୯ ପୋଲର ଉଚ୍ଚତା ବୃଦ୍ଧି

- ବର୍ଷେ ବିତିଲାଣି, ଠିକାସଂସ୍ଥା ଆରମ୍ଭ କରିନି କାର୍ଯ୍ୟ
- ଏପରି ହେଲେ ନିର୍ମାଣ ଶେଷ ପାଇଁ ଲାଗିଯିବ ଦୀର୍ଘବର୍ଷ
- ବିଭାଗୀୟ ନୋଟିସକୁ ଗୁରୁତ୍ୱ ଦେଉନି ଠିକାସଂସ୍ଥା

ମାଲକାନଗିରି, ୧୧।୭(ଦୁର୍ଯ୍ୟୋଧନ ପାତ୍ର)


ପୋଲ ଉପରେ ପ୍ରବାହିତ ହେଉଥିବା ବନ୍ୟାଜଳ ।

ମାଲକାନଗିରି ଜିଲାରେ ୩୨୬ ନଂ. ଜାତୀୟ ରାଜପଥ ସହ ଅନ୍ୟାନ୍ୟ ଅଞ୍ଚଳରେ ୯ଟି ପୋଲ ନିର୍ମାଣ ପାଇଁ ବର୍ଷେ ହେଲା ଟେଣ୍ଡର ସରିଛି। ମାତ୍ର ବର୍ଷା ଋତୁ ଆରମ୍ଭ ସତ୍ତ୍ୱେ ଏଯାଏ କାର୍ଯ୍ୟ ଆରମ୍ଭ ହୋଇପାରିନି। ଚଳିତବର୍ଷ ଜିଲାକୁ ବିଳମ୍ବରେ ମୌସୁମୀ ଆସିଛି। ବିଳମ୍ବିତ ମୌସୁମୀ ହେଲେ ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଗତ ୪ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ତେବେ ଗତ ବର୍ଷଗୁଡ଼ିକରେ ଜିଲାରେ ପ୍ରବଳ ବର୍ଷା ହେଲେ କୋରୁକୋଣ୍ଡା, ତାର୍ଲାକୋଟା, ପାଙ୍ଗାମ, ଏମ୍‌ଭି-୯୦, ପୋଟେରୁ, କନ୍ୟାଶ୍ରମ ଆଦି ନଦୀର ଜଳସ୍ରୋତ ବୃଦ୍ଧି ପାଇ ଉକ୍ତ ଅଞ୍ଚଳରେ ଥିବା ପୋଲ ଉପରେ ୫/୬ ଫୁଟର ବର୍ଷାଜଳ ପ୍ରବାହିତ ହୁଏ। ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଏ। ବିଶେଷକରି ଜୟପୁରଠାରୁ ମାଲକାନଗିରି ଦେଇ ମୋଟୁ ପର୍ଯ୍ୟନ୍ତ ଦୀର୍ଘ ୨୦୦ କି.ମି. ଜାତୀୟ ରାଜପଥରେ ଥିବା ଅନେକ ଛୋଟ ବଡ ପୋଲର ଉଚ୍ଚତା କମ୍ ଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହୋଇଥାଏ। ସରକାର ଓ ପ୍ରଶାସନ ପକ୍ଷରୁ ଏହି ପୋଲଗୁଡିକର ଉଚ୍ଚତା ବୃଦ୍ଧି ପାଇଁ ଟେଣ୍ଡର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗତବର୍ଷ ପାଙ୍ଗାମ, ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦ ଓ ଏମ୍‌ଭି-୯୬ରେ ପୋଲ ନିର୍ମାଣ ଲାଗି ଟେଣ୍ଡର ଶେଷ ହୋଇଥିଲା। ଛତିଶଗଡ଼ ବିଳାସପୁର ଅଞ୍ଚଳର ବ୍ରିଜେଶ ଅଗ୍ରୱାଲ ନାମକ ସଂସ୍ଥା ୫ଟି ଯାକ ପୋଲର ଟେଣ୍ଡର ନେଇଛି। ତେବେ ସମ୍ପୃକ୍ତ ସଂସ୍ଥା ଟେଣ୍ଡର ନେବାର ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ସୁଦ୍ଧା ଏଯାଏ କାମ ଆରମ୍ଭ କରିନାହିଁ। ଅନ୍ୟପକ୍ଷରେ ପ୍ରଶାସନ ୨ବର୍ଷ ମଧ୍ୟରେ ଏହି ପୋଲଗୁଡିକର କାମ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଆଦୌ କାମ ଆରମ୍ଭ ହୋଇ ନ ଥିବା ବେଳେ ପ୍ରଶାସନ ଉକ୍ତ ଲକ୍ଷ୍ୟ କିପରି ପୂରଣ କରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅଁଳାଯୋଡି, ଏମ୍‌ଭି-୭, ଏମ୍‌ଭି-୧୯ ଓ ମହାରାଜପାଲ୍ଲି ଅଞ୍ଚଳର ୪ଟି ପୋଲ ନିର୍ମାଣ ନେଇ ଟେଣ୍ଡର କରାଯାଇଛି। ଏହି ପୋଲଗୁଡିକର ଉଚ୍ଚତା ବୃଦ୍ଧି କରି ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଯାଏ ଟେଣ୍ଡର ଅନୁଯାୟୀ କାର୍ଯ୍ୟ ଆରମ୍ଭ ନ ହେବା ଚିନ୍ତାଜନକ ହୋଇଛି। ଉକ୍ତ ୪ଟି ଟେଣ୍ଡରକୁ ଛତିଶଗଡ଼ର ଶିବଶକ୍ତି ଇଞ୍ଜିନିୟରିଂ ୱାର୍କ ନାମକ ସଂସ୍ଥା ୩୭.୧୬ କୋଟିରେ ଟେଣ୍ଡର ନେଇଛି। ଏହି ୪ଟି ପୋଲ ମଧ୍ୟରୁ ଅଁଳାଯୋଡି ଓ ଏମ୍‌ଭି-୭ ପୋଲର ଲମ୍ବ ୧୦୫ ମିଟର ଓ ଓସାର ୧୬ ମିଟର ରହିଛି। ଏଥିରେ ୩ଟି ଲେଖାଏ ସ୍ପାନ୍ ରହି ନିର୍ମାଣ ହେବ। ସେହିପରି ମହାରାଜପାଲ୍ଲି ଓ ଏମ୍‌ଭି-୧୯ ପୋଲର ଲମ୍ବ ୭୨ ମିଟର ଓ ଓସାର ୧୬ ମିଟର ରହିଛି। ଏଥିରେ ମଧ୍ୟ ୩ଟି ଲେଖାଏ ସ୍ପାନ ରହି କାର୍ଯ୍ୟ ହେବ। ତେବେ ଟେଣ୍ଡର ନେଇଥିବା ଠିକା ସଂସ୍ଥା ଯେପରି ମନ୍ଥର ଗତିରେ କାର୍ଯ୍ୟ କରୁଛି ତାହା ଜାରି ରହିଲେ ପୋଲ ନିର୍ମାଣ ଶେଷ ହେବାକୁ ଦୀର୍ଘବର୍ଷ ଲାଗିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସମ୍ପୃକ୍ତ ଠିକାସଂସ୍ଥାକୁ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ ପଠାଯାଇ ଶୀଘ୍ର କାମ ଆରମ୍ଭ କରିବାକୁ ତାଗିଦ କରାଯାଇଥିଲେ ସୁଦ୍ଧା ଏହାର ପ୍ରଭାବ ଠିକାସଂସ୍ଥା ଉପରେ ପଡି ନ ଥିବା ଦେଖିବାକୁ ମିଳିଛି।

## ଚିତ୍ରକୋଣ୍ଡା ବନାଞ୍ଚଳରେ ୧ଲକ୍ଷ ୪୦ହଜାର ଚାରା ବଣ୍ଟନ

ଚିତ୍ରକୋଣ୍ଡା, ୧୧।୭ (କ୍ଷୀରୋଦ ବେହେରା)


ବଣ୍ଟନ ଲାଗି ନିଆଯାଉଥିବା ଚାରା ।

ମାଲକାନଗିରି ଜିଲା ବନଖଣ୍ଡ ଅଧିନ ଚିତ୍ରକୋଣ୍ଡା ବନାଞ୍ଚଳ ବିଭିନ୍ନ ବିଟ ଅଧୀନ ୧୮ ପଞ୍ଚାୟତ ମଧ୍ୟରୁ ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ, ଅଣ୍ଡିରାପାଲି, ଗାଜୁଲୁମାମୁଡ଼ି, ପଣଷପୁଟ, ଯୋଡ଼ାମ୍ବ, ଧୂଳିପୁଟ, ରାଲେଗାଡ଼ା, ପାପରମେଟେଲା ଓ ବଡ଼ପଡ଼ା ଏବଂ ଉପାନ୍ତ ଅଞ୍ଚଳର ଚିତ୍ରକୋଣ୍ଡା,ବଡ଼ପଦର,ଦୋରାଗୁଡ଼ା, ଗୁଣ୍ଡାୱାଡ଼ା, ନୂଆଗୁଡା, କପାତୁଟି, ଟନେଲକ୍ୟାମ୍ପ, ପାପୁଲୁର ଓ କୁକୁମାନୁର ପଞ୍ଚାୟତ ଗ୍ରାମଗୁଡ଼ିକରେ ୧ଲକ୍ଷ ୪୦ହଜାର ଚାରା ବଣ୍ଟନ କରାଯାଇଛି। ଚିତ୍ରକୋଣ୍ଡା ବନାଞ୍ଚଳ ଆନୁକୂଲ୍ୟରେ ବନାଞ୍ଚଳ ଅଧିକାରୀ ବଳରାମ ନାୟକ ନେତୃତ୍ୱରେ ବିଭିନ୍ନ ବିଟର ବନପାଳ ଆମ୍ବ, ପଣଷ, ଜାମ୍ବ, ଅଁଳା, ଆତ, କଇଁଥ, ଓଉ, ଅମୃତ ଭଣ୍ଡା, ପିଜୁଳି, ରକ୍ତ ଚନ୍ଦନ, ବିଷ୍ଣୁଚୂଡ଼ା, ଚମ୍ପା, ବାଉଁଶ, ଶିଶୁ, କାଞ୍ଚନ, କାଜୁ, ତେନ୍ତୁଳି, ଲିମ୍ବ, ମହୁଲ, କୃଷ୍ଣଚୂଡ଼ା, ରାଧାଚୂଡ଼ା ଓ ଜାମୁକୋଳି ଆଦି ବହୁ ପ୍ରକାରର ଚାରା ବଣ୍ଟନ କରାଯାଇଥିଲା। ବର୍ଷା ଦିନ ପୂର୍ବରୁ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିନ ସ୍ଥାନୀୟ ଚିତ୍ରକୋଣ୍ଡା ସେଣ୍ଟ୍ରାଲ ନର୍ସରୀରେ ବିଭିନ୍ନ ପ୍ରକାରର ଚାରା ପ୍ରସ୍ତୁତ କରାଯାଇ ପଞ୍ଚାୟତଗୁଡିକରେ ଲଗାଇବା ପାଇଁ ଦିଆଯାଇଥାଏ। ବର୍ଷା ହେବା ପରେ ରୋପଣ କରାଯାଉଥିବା ଦେଖିବାକୁ ମିଳିଛି।

## ବ୍ଲକସ୍ତରୀୟ ଲୋକ ଆପ୍ ଏମ୍‌ଆଇସି ତାଲିମ


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ ।

ଚିତ୍ରକୋଣ୍ଡା,୧୧।୭(କ୍ଷୀରୋଦ ବେହେରା)

ସ୍ୱୟଂ ସହାୟତା ଗୋଷ୍ଠୀ ନଥିପତ୍ରର ସମସ୍ତ ତଥ୍ୟକୁ ସରଳ ସୁବିଧା ଉପାୟରେ ଆପ୍ ମାଧ୍ୟମରେ ଲିପିବଦ୍ଧ କରିବାକୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ସହାୟତାରେ ଦିଲ୍ଲୀ ନ୍ୟାସନାଲ ହାଉସ୍‌ମାନ ମ୍ୟାନେଜମେଣ୍ଟ ୟୁନିଟ କର୍ମଚାରୀଙ୍କ ସହଯୋଗରେ ଗଲା ୯ ତାରିଖ ରବିବାରରୁ ମଙ୍ଗଳବାର ୩ ଦିନିଆ ବ୍ଲକସ୍ତରୀୟ ଲୋକସ ଆପ ଏମ୍‌ଆଇସି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଚିତ୍ରକୋଣ୍ଡା ବ୍ଲକ୍‌ର ୧୮ପଞ୍ଚାୟତର ପ୍ରତି ପଞ୍ଚାୟତରୁ ଜଣେ ଏମବିକେ ଜଣେ ସିଆରପିଙ୍କୁ ନେଇ ମୋଟ ୩୬ ଜଣ ଏମ୍‌ବିକେ ତଥା ସିଆରପିମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସିଆରପି ଓ ଏମବିକେ ତାଲିମ ନେଇ ନିଜ ପଞ୍ଚାୟତ ର ଅନ୍ୟ ସିଆରପି ତଥା ଅନ୍ୟ କର୍ମଚାରୀଙ୍କୁ ଉକ୍ତ ଲୋକସ୍ ଆପ୍ ସମ୍ପର୍କରେ ଶିଖାଇବେ। ଫଳରେ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀର ତଥ୍ୟ ଲିପିବଦ୍ଧ କରି ରଖିବା କମ ସମୟରେ ସହଜ ହେବ । କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବିପିଏମ୍ ପର୍ଶୁରାମ ବେହେରା, ବିଏଲସି ସୋମନାଥ କୁମ୍ଭାର ଏବଂ ଚିତ୍ରକୋଣ୍ଡା ଓଡିଶା ଜୀବିକା ମିଶନ କର୍ମଚାରୀମାନେ ପରିଚାଳନା କରିଥିଲେ ।

## ‘ପ୍ରିୟା ତୁ ମୋ ସିଏ’ ଚଳଚ୍ଚିତ୍ର ଅଭିନେତ୍ରୀ, ନିର୍ଦ୍ଦେଶକଙ୍କ ସହ ପ୍ରଯୋଜକଙ୍କ ବିରୋଧରେ ମାମଲା

ମାଲକାନଗିରି,୧୧।୭(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ଅନୁସୂଚିତ ଜାତି ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ମାଲକାନଗିରି ଥାନାରେ ଚଳଚ୍ଚିତ୍ର ‘ପ୍ରିୟା ତୁ ମୋ ସିଏ’ ଚଳଚ୍ଚିତ୍ରର ଅଭିନେତ୍ରୀ ଏଲିନା ସାମନ୍ତରାୟ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଓ ପ୍ରଯୋଜକ ଝିଲିକି ଭଟାଚାର୍ଯ୍ୟଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଚଳଚ୍ଚିତ୍ରରେ ଅଭିନେତ୍ରୀ ଏଲିନା କେତେକ ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିଥିବା ନେଇ ଅଭିଯୋଗରେ କୁହାଯାଇଛି। ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମାଲକାନଗିରିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନକୁ ବ୍ୟାନ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। କମିଟି ପକ୍ଷରୁ ଉପଦେଷ୍ଟା ପ୍ରଭାକର ହନ୍ତାଳ କହିଛନ୍ତି, ସୁପ୍ରିମକୋର୍ଟଙ୍କ ବାରଣ ଥିବା ସତ୍ତ୍ୱେ ଏହି ଚଳଚ୍ଚିତ୍ରରେ ଅଭିନେତ୍ରୀ ଏଲିନା ବାରମ୍ବାର ହରିଜନ ଶବ୍ଦ ବ୍ୟବହାର କରିଛନ୍ତି। ଏହା ଅସାମ୍ବିଧାନିକ। ଏଣୁ ମାଲକାନଗିରିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ କରାଯିବା ସହ ଚଳଚ୍ଚିତ୍ରର ଅଭିନେତ୍ରୀ, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ହନ୍ତାଳ ଦାବି କରିଛନ୍ତି। ଯଦି ଏମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନ ହେଲା ତେବେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋ କହିଛନ୍ତି ଅଭିଯୋଗ ଗ୍ରହଣ କରାଯାଇ ଷ୍ଟେସନ ଡାଇରି ହୋଇଛି। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଥାନାରେ ଅଭିଯୋଗ କରାଯାଉଛି ।

## ଖଡ଼ିକାଯୋଡ଼ିରେ ବନ ମହୋତ୍ସବ
## ୨୦ ହେକ୍ଟର ସ୍ଥାନରେ ଲାଗିଲା ୧୦ ହଜାର ଚାରା

ବାଲିମେଳା, ୧୧।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଜଙ୍ଗଲ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି। ଜିଲାରେ ଜୁଲାଇ ୧ରୁ ପାଳିତ ହେଉଥିବା ୭୪ତମ ବନ ମହୋତ୍ସବ ଅବସରରେ ବିଭିନ୍ନ ସ୍ଥାନରେ ଚାରାରୋପଣ ଜାରି ରହିଛି। ଏହି ଅବସରରେ ବାଲିମେଳା ବନପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଡାଇକ-୧ ଫରେଷ୍ଟ ବିଟ୍‌ର ଖଡ଼ିକାଯୋଡି ଗ୍ରାମରେ ବନାଞ୍ଚଳର ଖାଲି ରହିଥିବା ସ୍ଥାନରେ ଶିଲ୍‌କି ଚାରା ରୋପଣ କରାଯାଇଛି। ଉଜୁଡା ଜଙ୍ଗଲର ପୁନରୁଦ୍ଧାର ଲକ୍ଷ୍ୟରେ ବନପାଳ ମୋହନ ଗୁଡ଼ିଆଙ୍କ ନେତୃତ୍ୱରେ ୨୦ ହେକ୍ଟର ସ୍ଥାନରେ ଏହି ଚାରା ରୋପଣ ହୋଇଛି। ବନାଞ୍ଚଳ ଦାୟିତ୍ୱରେ ଥିବା ବନରକ୍ଷୀ ସଂଗ୍ରାମ ବରାଳ ଏବଂ ଭିଏସ୍‌ଏସ୍ କମିଟି ସଭାପତି ଜଗବନ୍ଧୁ ଚାଲାଣ, ସମ୍ପାଦକ ବୀର ମାଝୀଙ୍କ ସହ ଅନ୍ୟମାନେ ଖଡ଼ିକାଯୋଡି ଅଞ୍ଚଳରେ ଅର୍ଜୁନ, ଜାମୁକୋଳି, ଶାଳଚାରା ରୋପଣ କରାଯାଉଥିବା ବନପାଳ ଗୁଡ଼ିଆ କହିଛନ୍ତି।

## ପରିବାର କଲ୍ୟାଣ ସଚେତନତା ରଥର ଶୁଭାରମ୍ଭ


କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି ।

ମାଲକାନଗିରି,୧୧।୭(ନୃସିଂହ ଚରଣ ମହାନ୍ତି)

ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିବାର କଲ୍ୟାଣ ସଚେତନତା ରଥକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ୧୧ ରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ସହର ସମେତ ଜିଲାର ସମସ୍ତ ୭ଟି ବ୍ଲକର ଜନସାଧାରଣଙ୍କୁ ପରିବାର ନିୟୋଜନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଉତ୍ସବରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ବ୍ରଜବନ୍ଧୁ ଦାଶ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ଭିବିଡି)ଡାକ୍ତର ଧନେଶ୍ୱର ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଇନ୍ଦିରା ପ୍ରଧାନ, ଯୁବ ରେଡକ୍ରସ ସେକ୍ରେଟେରୀ ଡ. ରଞ୍ଜନ କୁମାର ସ୍ୱାଇଁ, ଏନ୍‌ଏଚଏମ ଜିଲା ପ୍ରକଳ୍ପ ମ୍ୟାନେଜର ସସ୍ମିତା ସାହୁଙ୍କ ସହିତ ବିଭିନ୍ନ ବ୍ଲକରୁ ଆସିଥିବା ମେଡିକାଲ ଅଫିସର ଏବଂ ସ୍ୱାସ୍ଥ୍ୟକର୍ମୀ ଓ ଆଶାମାନେ ଉପସ୍ଥିତ ଥିଲେ।

## ଦାରିଦ୍ର୍ୟମୁକ୍ତ, ପଞ୍ଚାୟତ ସମ୍ବଳ ବିନିଯୋଗ ନେଇ ପ୍ରଶିକ୍ଷଣ

ମାଲକାନଗିରି,୧୧।୭(ନୃସିଂହ ଚରଣ ମହାନ୍ତି)




ସଶକ୍ତ ପଞ୍ଚାୟତିରାଜ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମଙ୍ଗଳବାର ଜିଲା ପଞ୍ଚାୟତ ସାଧନକେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାରିଦ୍ର୍ୟ ମୁକ୍ତ, ପଞ୍ଚାୟତ ସମ୍ବଳ ବିନିଯୋଗ ନେଇ ପ୍ରଶିକ୍ଷଣ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହା ମାଲକାନଗିରି ଜିଲାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପଞ୍ଚାୟତ ସ୍ତରରେ ଜନ ପ୍ରତିନିଧି ଓ କର୍ମକର୍ତ୍ତାମାନେ ସାମିଲ ହେବେ। ସେମାନଙ୍କୁ ସବୁ ବିଭାଗର ଅଧିକାରୀମାନେ ତାଲିମ ଦେବେ। ମୁଖ୍ୟତଃ ସରକାରଙ୍କ ସବୁ ବିଭାଗର ସମସ୍ତ ପ୍ରକାର ଯୋଜନାର ସୁଫଳ ଯେପରି ସବୁ ଲୋକଙ୍କ ନିକଟରେ ପହଞ୍ଚିବ ତାହା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହାଦ୍ୱାରା ଏକ ସୁଦୃଢ଼ ପଞ୍ଚାୟତ ଗଠନ ହୋଇପାରିବାର ପରିକଳ୍ପନା ସଫଳ ହୋଇପାରିବ। ଏଥିରେ ମୁଖ୍ୟଅତିଥି ଭାବେ ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ସହଯୋଗୀ ପ୍ରକଳ୍ପ ଅଧିକାରୀ ମାନସ ମିଶ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ତାଲିମଦାତା ରୂପେ ହିମାଂଶୁ ମହାରଣା, ବାଲାଜୀ ପଟ୍ଟନାୟକ, ବିକ୍ରମ ଧଳ, ମନସ୍ୱି ସେଠୀ, ସୁଜାତା ବିଶ୍ୱାସ ଉପସ୍ଥିତ ଥିଲେ।

## ଚାରା ରୋପଣ, ପରିବେଶ ସୁରକ୍ଷା ଶପଥ ନେଲେ ଜିଲାପାଳ, ପଦାଧିକାରୀ

ମାଲକାନଗିରି, ୧୧।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଚଲାଣଗୁଡା ପଞ୍ଚାୟତ ଚମ୍ପାନଗରଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ଏସ୍‌ଡିପିଓ ରାହୁଲ ଗୋଏଲ, ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୂଜବଳ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଏମାନଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ ଉପସ୍ଥିତ ବନ ବିଭାଗର ପଦାଧିକାରୀ, କର୍ମଚାରୀ ଏହି ଶପଥ ଗ୍ରହଣରେ ସାମିଲ ହୋଇଥିଲେ। ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟ ଶପଥ ପାଠ କରାଇଥିଲେ। ବିଭିନ୍ନ କିସମର ଚାରା ଏବଂ ତାହାର ମଞ୍ଜି ପ୍ରଦର୍ଶିତ କରାଯାଇଥିଲା। ଜିଲାରେ ପରିବେଶ ଓ ଚାରା ରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚିତ୍ରକୋଣ୍ଡା ବ୍ଲକ ଡାଇକ୍ ୩ ସରକାରୀ ଉଚ୍ଚ ବିଦ୍ୟାଳୟର ଜିତେନ୍ଦ୍ର ସ୍ୱାଇଁ, କାଲିମେଲା ବ୍ଲକ ଏମ୍‌ପିଭି. ୨୧ ବିଦ୍ୟାଳୟର ରମେଶ ରଞ୍ଜନ ଜେନା, ପାଣ୍ଡ୍ରିଗୁଡା ପ୍ରାଥମିକ ବିଦ୍ୟାଳୟର ଲକ୍ଷ୍ମୀ ରଥ, ପୁରୁଣା ଚିତାପାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଶ୍ୱିନୀ ମିଶ୍ର, ପିଟାଗାଟା ନେତାଜୀ ଉଚ୍ଚ ବିଦ୍ୟାଳୟର ରଞ୍ଜନ କୁମାର ପରିଡା, ଡୁର୍କାଗୁଡା ପ୍ରାଥମିକ ବିଦ୍ୟାଳୟର ଅଭିରାମ ଚୌଧୁରୀ, ରଜନୀଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟର ଶ୍ରୀକାନ୍ତ ପାଢୀଙ୍କୁ ୧୦ ହଜାର ଟଙ୍କାର ଚେକ୍, ମାନପତ୍ର ଏବଂ ଉତ୍ତରୀୟ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ମାଥିଲି ବନାଞ୍ଚଳ ପୁଟୁଗାଁ ବନ ସଂରକ୍ଷଣ ସମିତିକୁ ୨୦ ହଜାର ଟଙ୍କାର ଚେକ୍ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।



ଚାରା ରୋପଣ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ ଓ ଅନ୍ୟ ଅଧିକାରୀମାନେ ।

## ଆତ୍ମହତ୍ୟା ନୁହେଁ, ହତ୍ୟା:ଜିଲାପାଳଙ୍କୁ ଅଭିଯୋଗ

### ଅବକାରୀ ଥାନାରେ ମହିଳାଙ୍କ ଆତ୍ମହତ୍ୟା ମାମଲା

ମାଲକାନଗିରି,୧୧।୭ (ଦୁର୍ଯ୍ୟୋଧନ ପାତ୍ର)

ଗତ ୨ଦିନ ପୂର୍ବେ ମାଲକାନଗିରି ଜିଲା ମାଥିଲି ଅବକାରୀ ଥାନା ହାଜତରେ ଜଣେ ମହିଳା ଆତ୍ମହତ୍ୟା କରିବା ଘଟଣାରେ ମଙ୍ଗଳବାର ତାଙ୍କ ପରିବାରବର୍ଗ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ଆତ୍ମହତ୍ୟା ନୁହେଁ, ତାଙ୍କୁ ହତ୍ୟା କରାଯାଇଥିବା ମହିଳାଙ୍କ ମା’ କମଳା ବିଶ୍ୱାସ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କମଳାଙ୍କ ଝିଅ ପ୍ରୀତି ରାଥୋଡ ଓରଫ ବିନା ବିଶ୍ୱାସ କହିଛନ୍ତି, ମା’ କମଳା ତାଙ୍କ ଚତୁର୍ଥ ଝିଅ କାଜଲ ବାଲାଙ୍କୁ ଗତ ୬ ତାରିଖରେ ସେ ମାଲକାନଗିରିରେ ଥିବା ଫୋନ କରି ଜଣାଇଥିଲେ। ପରବର୍ତ୍ତୀ ସମୟରେ କାଜଲ ପ୍ରୀତିଙ୍କୁ ଫୋନ କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ଗତ ୮ରେ କାଲିମେଲା ପୋଲିସ ପ୍ରୀତିଙ୍କ ମୃତ୍ୟୁ ଘଟିଛି ବୋଲି ତାଙ୍କ ମାଆ କମଳାଙ୍କୁ ଖବର ଦେଇଥିଲା। ୯ରେ ସେମାନେ ପ୍ରୀତିଙ୍କ ମୃତଦେହକୁ ମାଲକାନଗିରି, ମାଥିଲି ଓ କାଲିମେଲା ପୋଲିସ ଆଣି ନିଜେ ମୃତଦେହ ପୋଡ଼ିଦେଇଥିଲା। ପରେ ସେମାନେ ୨୦ ହଜାର ଟଙ୍କା ଦେଇ କିଛି କାଗଜ ପତ୍ର ଉପରେ ପ୍ରୀତିଙ୍କ ମା’ କମଳାଙ୍କଠାରୁ ଦସ୍ତଖତ କରି ନେଇଥିଲେ। କମଳା ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ, ତାଙ୍କ କନ୍ୟା ପ୍ରୀତି ରାଥୋଡଙ୍କୁ ଗତ ୭ ତାରିଖରେ ମାଥିଲି ବିଏସ୍‌ଏଫ୍ ଯବାନ ଅଟକ ରଖି ତାଙ୍କୁ ବଳାତ୍କାର ପରେ ହତ୍ୟାକରି ପ୍ରମାଣ ଲୁଚାଇ ଉକ୍ତ ମୃତଦେହକୁ ତାଙ୍କ ଗ୍ରାମକୁ ଆଣି ପୋଲିସ ସହାୟତାରେ ଶେଷ କୃତ୍ୟ ଶେଷ କରିଥିଲେ। ଯଦି ପ୍ରୀତଙ୍କ ଦ୍ୱାରା କୌଣସି ବେଆଇନ କାର୍ଯ୍ୟ ହୋଇଥାନ୍ତା ସେମାନେ ମାଥିଲି ପୋଲିସକୁ ଜଣାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। କେଉଁ ଆଇନ ବଳରେ ତାଙ୍କ କନ୍ୟାଙ୍କୁ ୨ଦିନ ଧରି ଅଟକ ରଖିଥଲେ । ଯଦି ରଖିଥିଲେ କମଳାଙ୍କୁ କାହିଁକି ଜଣାଇ ନ ଥିଲେ । ତେଣୁ ତାଙ୍କ କନ୍ୟାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଓ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ପରିବାର ଲୋକେ କହିଛନ୍ତି।


ପରିବାର ଲୋକେ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଛନ୍ତି ।

